୬ ରୋମାଞ୍ଚକର ସ୍ଥିତିରେ ସିଡ୍ନୀ ଟେଷ୍ଟ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ବର୍ଣ୍ଣସୌ ବାଧ୍ୟକାରରେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୩୩୭ ● ୫ ଜାନୁଆରୀ ୨୦୨୫, ରବିବାର ● ଭୁବନେଶ୍ୱର ● Vol -31 ● Issue-337 ● 5th January 2025, Sunday ● Bhubaneswar

Licensed to post without pre-payment of postage No- BN-60/25-27





30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୫ ଜାନୁଆରୀ ୨୦୨୫ ରବିବାର





# ପ୍ରବାସୀ ଭାରତୀୟଙ୍କ ଓଡ଼ିଶା ଆଗମନ ନିମନ୍ତେ ସ୍ଥିତି ପରଖିଲା ଜିଲ୍ଲା ପ୍ରଶାସନ

**କୋଣାର୍କ, ନ୍ୟୁଜ୍ ବ୍ୟୁରୋ**

ପ୍ରବାସୀ ଭାରତୀୟଙ୍କ ଓଡ଼ିଶା ଆଗମନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସହକାରୀ ଉପ ଜିଲ୍ଲାପାଳଙ୍କ ସମେତ ଗୋପ ତହସିଲଦାର ଓ କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ଶୁକ୍ରବାର ଅପରାହ୍ନରେ କୋଣାର୍କ ସୂର୍ଯ୍ୟ ମନ୍ଦିରରେ ସ୍ଥିତି ପରଖି ଥିବା ଜଣାପଡିଛି। ସୂର୍ଯ୍ୟମନ୍ଦିର ସମ୍ମୁଖ ରାସ୍ତା ଓ ଆଇଓସିଏଲ୍ ପ୍ରବେଶପଥ ମୁଖ୍ୟ ରାସ୍ତା ଉପରେ ଦୋକାନକରି ବସିରହିଥିବା ବ୍ୟବସାୟୀ ମାନଙ୍କୁ ରାସ୍ତା ଉପରୁ ହଟିଯିବା ପାଇଁ ପ୍ରସ୍ତୁତି ହେଉଥିବା ଶୁଣିବାକୁ ମିଳୁଛି। ବାହାଘର ବେଳେ ବାଇଗଣ ରୁଆ ପରି ସୂର୍ଯ୍ୟମନ୍ଦିର ପ୍ରବେଶପଥ ତଥା ମୁଖ୍ୟ ରାସ୍ତା ଉପରେ ବ୍ୟବସାୟୀ ମାନେ ଜବରଦଖଲ ଯୋଗୁ ଅଯଥା ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥିବା ବେଳେ ଜିଲ୍ଲା ପ୍ରଶାସନ କିମ୍ବା ସ୍ଥାନୀୟ ପ୍ରଶାସନ କୌଣସି ପଦକ୍ଷେପ ନେଉନଥିବା ବେଳେ ପ୍ରବାସୀ ଭାରତୀୟଙ୍କ ଆଗମନ ପାଇଁ ତତ୍ପରତା ଦେଖାଇବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏପରିକି ରାଜରାସ୍ତାକୁ କିଛି ବ୍ୟବସାୟୀ ଭଡ଼ାରେ ଲଗାଇବା ନେଇ ବିଭିନ୍ନ ସମୟରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଚୁପ୍ ରହିବାର କାରଣ କଣ ଏଯାବତ୍ ବୁଝାପଡୁନଥିବା ବେଳେ ନିଜ ଭାବମୂର୍ତ୍ତିକୁ ସଫା କରିବା ପାଇଁ ଏବେ ପ୍ରଶାସନ ଅଣ୍ଟା ଭିଡୁଥିବା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି।

# ଦିଲ୍ଲୀ ସାଧାରଣତନ୍ତ୍ର ପରେଡ଼ ଦେଖିବାକୁ କମଳାଙ୍କୁ ନିମନ୍ତ୍ରଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅଧିନ ଗୁଲନଗର ପଞ୍ଚାୟତର ଖଇରାବାଦ ଗ୍ରାମର କମଳା ମହାରଣାଙ୍କୁ ଆଗାମୀ ଜାନୁଆରୀ ୨୬ ତାରିଖରେ ଦଲ୍ଲୀରେ ଅନୁଷ୍ଠିତ ଜାତୀୟ ସ୍ତରର ପରେଡ଼ ଦେଖିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦପ୍ତରରୁ ନିମନ୍ତ୍ରଣ ମିଳିଛି। ବ୍ୟବହୃତ ତଥା ବର୍ଜ୍ୟ ପଲିଥିନ୍ ଓ ଅନ୍ୟାନ୍ୟ ଅଦରକାରୀ ସାମଗ୍ରୀକୁ ସଂଗ୍ରହ କରି ସେଥିରୁ ବ୍ୟବହାର ଯୋଗ୍ୟ ଉପକରଣ ତିଆରି କରୁଥିବା କମଳାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୩ ମସିହା ଫେବୃଆରୀ ୨୬ ତାରିଖ ସାପ୍ତାହିକ ମନ କି ବାତ୍ କାର୍ଯ୍ୟକ୍ରମରେ ଉଲ୍ଲେଖ କରିଥିଲେ। ସେବେଠାରୁ କେନ୍ଦ୍ରାପଡାର ସାଧାରଣ ମହିଳା କମଳାଙ୍କର ସୃଜନଶୀଳ ଶକ୍ତିର ବ୍ୟାପକ ପ୍ରଚାର ପ୍ରସାର ଘଟିଛି। ପରେ ଜୁନ୍ ମାସରେ ପ୍ରଧାନମନ୍ତ୍ରୀ ମୋଦି କେନ୍ଦ୍ରାପଡାରେ ଅନୁଷ୍ଠିତ ଏକ ସାଧାରଣ ସଭାର ମଞ୍ଚ ଉପରେ କମଳାଙ୍କୁ ଆଣ୍ଠୁମାଡି ପ୍ରଣାମ କରିବା ଚର୍ଚ୍ଚାର ବିଷୟ ହୋଇଥିଲା। ତେବେ ଆଗାମୀ ଜାନୁଆରୀ ୨୬ରେ ରାଷ୍ଟ୍ରୀୟ ପରେଡ଼ରେ ଯୋଗଦେବାକୁ ନିମନ୍ତ୍ରଣ ଅସିବା ପରେ ପ୍ରଶାସନ ପକ୍ଷରୁ ସେ ଦିଲ୍ଲୀ ଯିବାପାଇଁ ୩ଟି ଟିକେଟ୍ କଟାଯିବା ସହ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା ଜଣାପଡିଛି।

# ଜିଲ୍ଲାରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବା ଉପରେ ସାଂସଦଙ୍କ ଗୁରୁତ୍ୱ

**କଟକ, ନ୍ୟୁଜ୍ ବ୍ୟୁରୋ**



ଜିଲ୍ଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ନବମ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯୋଗଦେଇ ସାଂସଦ, କଟକ ଭର୍ତ୍ତୃହରି ମହତାବ ଜିଲ୍ଲାରେ ବିଭିନ୍ନ ଜନହିତକର କାର୍ଯ୍ୟଗୁଡିକୁ ତ୍ୱରାନ୍ୱିତ କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ। ବୈଠକର ଆରମ୍ଭରେ ଗତ ଅଷ୍ଟମ ଜିଲ୍ଲା ପରିଷଦ ବୈଠକରେ ଉତ୍ଥାପିତ ସମସ୍ୟାର ସମାଧାନ ଓ ପ୍ରସ୍ତାବିତ କାର୍ଯ୍ୟର ସ୍ଥିତି ଅଗ୍ରଗତି ଉପରେ ସମୀକ୍ଷା କରାଯାଇ ବିଭାଗ ୱାରୀ କାର୍ଜୁଆସୁଛି ଆଲୋଚନା କରାଯାଇଥିଲା। ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବଡମ୍ବା ବିଧାୟକ ବିଜୟ ଦଳବେହେରା, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ନିଆଳି ବିଧାୟକ ଛବି ମଲ୍ଲିକ, ଜିଲ୍ଲା ପରିଷଦ ଉପ ସଭାପତି ସୁଭଦ୍ରା ଦାସ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଯୋଜନା ଉପରେ ଗୁରୁତ୍ୱାରୋପ କରି ଉତ୍ତରଦାୟିତ୍ୱ ନିର୍ବାହପୂର୍ବକ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାକୁ ତ୍ୱରାନ୍ୱିତ କରିବା ନିମନ୍ତେ ପ୍ରୟାସ ଜାରି ରଖାଯିବ ବୋଲି ମତ ଦେଇଥିଲେ। ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ, ବିଭିନ୍ନ ବ୍ଲକର ବୃହତ ଜଳ ଯୋଗାଣ ବ୍ୟବସ୍ଥା ଓ ଏହାର ସ୍ଥିତି, ବୃହତ ଉଠା ଜଳ ଯୋଗାଣ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବିଶେଷ କରି ସ୍ୱାସ୍ଥ୍ୟ ସେବା, ଜଳ ଉତ୍ସର ଉନ୍ନତିକରଣ ଅଦିନିଆ ବର୍ଷା ଯୋଗୁଁ ଫସଲ କ୍ଷୟକ୍ଷତିର ଆକଳନ, ରାସ୍ତା ଓ କୋଠାବାଡି, ଆଦି ବିଷୟ ଉପରେ ଆଲୋଚନା କରାଯାଇଥିଲା। ଏଥିସହ ବିଭିନ୍ନ ବ୍ଲକରେ ଥିବା ଆଦର୍ଶ ବିଦ୍ୟାଳୟ ଗୁଡିକୁ ଆନୁଷଙ୍ଗିକ ସୁବିଧା ଯୋଗାଇ ଦିଆଯିବା, କେତେକ ସ୍ଥାନରେ ହୋଇଥିବା କାର୍ଯ୍ୟର ସମୀକ୍ଷା କରାଯାଇ ଏହାର ବକେୟା ଦେୟ ପ୍ରଦାନ ଦିଗରେ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଜିଲ୍ଲା ପରିଷଦର ସଭ୍ୟ ସଭ୍ୟାମାନେ ଉତ୍ଥାପନ କରିଥିବା ସେମାନଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ଏହାର ତ୍ୱରିତ ସମାଧାନ ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ସମସ୍ୟାଗୁଡିକର ସମାଧାନ ଦିଗରେ ପଦକ୍ଷେପ ନେବାକୁ ମଧ୍ୟ ପ୍ରତିଶୃତି ଦେଇଥିଲେ। ବିଶେଷକରି ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଚାଷ ନିମନ୍ତେ କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ପ୍ରଦାନ କରିବା, ନଳକୂପ ସ୍ଥାପନ, ଉଠା ଜଳସେଚନ ପ୍ରକଳ୍ପଗୁଡିକ କାର୍ଯ୍ୟକ୍ଷମ କରାଯିବା, ବିଭିନ୍ନ ସ୍ଥାନରେ ଖାଲି ପଡିଥିବା ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡିକ ପୂରଣ କରାଯିବା ଆଦି ଉପରେ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସୂଚନା ଦେଇଥିଲେ। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କଟକ, ସୁବାସ ଚନ୍ଦ୍ର ରାୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ, ବିଭିନ୍ନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ, ବିଡିଓ, ବ୍ଲକ୍ ଚେୟାରମ୍ୟାନ୍, ପ୍ରତିନିଧି, ଜିଲ୍ଲାପରିଷଦ ସଦସ୍ୟ/ସଦସ୍ୟା, ପଞ୍ଚାୟତ ସମିତିର ଅଧ୍ୟକ୍ଷ/ଅଧ୍ୟକ୍ଷା ବୃନ୍ଦ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକ ପୂର୍ବରୁ ଦିବଙ୍ଗତ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂ, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସମୀର ଦେଙ୍କ ଆମର ଆତ୍ମାଙ୍କ ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

# ପାଣି ପଞ୍ଚାୟତକୁ ଅଧିକ କ୍ରିୟାଶୀଳ କରିବା ନିମନ୍ତେ ଗୁରୁତ୍ୱ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଜଳସମ୍ପଦ ବିଭାଗ ଆନୁକୁଲ୍ୟରେ ପାଣି ପଞ୍ଚାୟତ ପକ୍ଷ ପାଳନର ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯଦିଓ ଏହା ଗତ ୨୯.୧୨.୨୦୨୪ ତାରିଖରେ ଅନୁଷ୍ଠିତ ହେବାର ନିର୍ଦ୍ଧାରିତ ଥିଲା, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କର ଦେହାନ୍ତ ହେତୁ ଦେଶବ୍ୟାପୀ ପାଳିତ ସାତଦିନ ଧରି ଶୋକ ଦିବସ ପାଇଁ ଏହି ଉତ୍ସବକୁ ସ୍ଥଗିତ ରଖାଯାଇ, ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏହି ଉଦ୍‌ଯାପନ ଉତ୍ସବରେ ଅମରେନ୍ଦ୍ର ଦାସ, ବିଧାୟକ, ଜଗତସିଂହପୁର ମୁଖ୍ୟ ଅତିଥି ରୂପେ ଯୋଗଦେଇ ତାଙ୍କର ଅଭିଭାଷଣରେ ପାଣି ପଞ୍ଚାୟତକୁ ଅଧିକ କ୍ରିୟାଶୀଳ କରି, ଜଳସେଚନ ସମୟରେ କେନାଲ୍‌ର ଶେଷ ମୁଣ୍ଡରେ ଥିବା ଚାଷଜମିକୁ ବିନା ବାଧାରେ ଜଳଯୋଗାଣ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଜିଲ୍ଲାର ବିଭିନ୍ନ ଉନ୍ନୟନ ବିଭାଗ ଅଧିନରେ ହେଉଥିବା ସରକାରୀ କାର୍ଯ୍ୟର ଉପଯୁକ୍ତ ମାନ ବଜାୟ ରଖିବା ଉପରେ ମୁଖ୍ୟଅତିଥି ଗୁରୁତ୍ୱପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମାକାନ୍ତ ଭୋଇ, ବିଧାୟକ, ତିର୍ତ୍ତୋଲ, ମନୋଜ ଭୋଇ, ଅଧ୍ୟକ୍ଷ ଜିଲ୍ଲାପରିଷଦ, ଜଗତସିଂହପୁର, ଜେ. ସୋନାଲ, ଜିଲ୍ଲାପାଳ ଜଗତସିଂହପୁର ଏବଂ ରବିନାରାୟଣ ଜେଠି (ମୁଖ୍ୟ ବିକାଶ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଜଗତସିଂହପୁର) ସମ୍ମାନୀତ ଅତିଥି ରୂପେ ଯୋଗଦେଇ ପାଣିପଞ୍ଚାୟତ ଗଠନର ଉଦ୍ଦେଶ୍ୟ, ପରିଚାଳନାଗତ ତ୍ରୁଟି ଭବିଷ୍ୟତରେ ଏହାର ସଫଳ ରୂପାୟନ ତଥା ଜିଲ୍ଲାର ବିଭିନ୍ନ ସରକାରୀ ବିଭାଗ ଯଥା- କୃଷି, ପଶୁପାଳନ, ମତ୍ସ୍ୟ, ଉଦ୍ୟାନ ବିଭାଗ ଇତ୍ୟାଦିର ବିଭିନ୍ନ ସରକାରୀ ଯୋଜନାର ସୁଫଳ କିଭଳି ସାଧାରଣ ଚାଷୀଙ୍କ ପାଖରେ ପହଞ୍ଚିପାରିବ ତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଜଳ ସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସନ୍ଦୀପ କୁମାର ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଦ୍ୱାରିକା ମୋହନ ଦାସ, ବରିଷ୍ଠ ବୈଜ୍ଞାନିକ, ଜିଲ୍ଲା କୃଷି ଗବେଷଣା କେନ୍ଦ୍ର, ଜଳବାୟୁ ପରିବର୍ତ୍ତନ ଓ ସମସ୍ୟା ଏବଂ ଜଳର ସୁବିନିଯୋଗରେ ଆଧୁନିକ ଜ୍ଞାନକୌଶଳର ଉପଯୋଗ ଉପରେ ବିସ୍ତୃତ ମତାମତ ଦେଇଥିଲେ। ଶେଷରେ ଜିଲ୍ଲା ସଂସ୍କୃତି ବିଭାଗ ଆନୁକୁଲ୍ୟରେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପକ୍ଷପାଳନ ପରିପ୍ରେକ୍ଷୀରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀ ମାନଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ। ଏହି ବୈଠକରେ ତାଳଦଣ୍ଡା ସେଚାଞ୍ଚଳ ଓ ମାଛଗାଁ ସେଚାଞ୍ଚଳ ଅନ୍ତର୍ଗତ ସମସ୍ତ ପାଣି ପଞ୍ଚାୟତର ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ, ଜିଲ୍ଲା ସ୍ତରୀୟ ଅଧିକାରୀ ମୁଖ୍ୟ ସେଚାଞ୍ଚଳ ଉନ୍ନୟନ ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଏବଂ ପାଣି ପଞ୍ଚାୟତର କର୍ମକର୍ତ୍ତାମାନ ଯୋଗଦେଇଥିଲେ। ପରିଶେଷରେ ଜଳ ସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସନ୍ଦୀପ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବକଙ୍କୁ ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନୂଆବର୍ଷ ଭୋଜି ଖାଇସାରି ଘରକୁ ଫେରି ଗାଁରେ ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବା ପରେ ଆଉ ଦେଖାଯାଇନଥିଲେ ଯୁବକ। ପରିବାର ଲୋକେ ଦିନକ ପରେ ମୃତ୍ୟୁର ଖବର ପାଇଲେ।



ଏଭଳି ଏକ ଘଟଣା ଘଟିଛି କୁନ୍ଦେଇ ଥାନା ଅଧିନରେ ଥିବା ତୁରୁଡି ପଞ୍ଚାୟତର ତୁରୁଡି ଆଦିବାସୀ ଗ୍ରାମରେ। ବସନ୍ତ ଗଣ୍ଡଙ୍କ ପୁଅ ରଞ୍ଜନ ଗଣ୍ଡ ନିଜ ଘରେ ନରହି ଦୀର୍ଘଦିନ ହେବ ରାଇଘର ବାଘବେଡା ଗ୍ରାମର ନିଜ ସମ୍ପର୍କୀୟ ଘରେ ରହୁଥିଲେ। ନୂଆବର୍ଷର ସପ୍ତାହ ଆଗରୁ ନିଜ ଗ୍ରାମ ତୁରୁଡି ଆଦିବାସୀରେ ନିଜ ଘରେ ରହୁଥିଲେ। ନୂଆବର୍ଷ ଭୋଜି କରିବା ପାଇଁ ବୁଧବାର ଦିନ ଛତିଶଗଡ଼ ନିଜ ସାଙ୍ଗ ମାନଙ୍କ ସହ ଯାଇଥିଲେ। ଭୋଜି ସାରି ସନ୍ଧ୍ୟାରେ ଘରକୁ ଭଲରେ ଫେରିଥିଲେ। ସନ୍ଧ୍ୟାରେ ଗାଁରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଯାଇଥିଲେ ଏବଂ ନିଜେ ମଞ୍ଚରେ ନାଚିଥିଲେ। କାର୍ଯ୍ୟକ୍ରମ ସରିବା ପରେ ଆଉ ଘରକୁ ଫେରିନଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ କିନ୍ତୁ କୌଣସି ସନ୍ଧାନ ପାଇନଥିଲେ। ଦିନକ ପରେ ଅର୍ଥାତ୍ ଶୁକ୍ରବାର ଦିନ ଘର ଠାରୁ ଏକ କିଲୋମିଟର ଦୂର ନୀଳଗିରି ପ୍ଲଟ୍ ମଧ୍ୟରେ ପଡିଥିବା ସେହି ଗ୍ରାମର ଜେଠୁ ଗଣ୍ଡ ଦିନ ୧୧ଟା ସମୟରେ ଦେଖିବାକୁ ପାଇଥିଲେ। ପରେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ଦେଖିବା ପରେ ରଞ୍ଜନର ମୁଣ୍ଡରେ ମାଡ଼ ହେବା ସହ ରକ୍ତ ସ୍ରାବ ହୋଇଥିବା ଦେଖି କେହି ତାଙ୍କୁ ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚିଲା ପରେ ସନ୍ଧ୍ୟା ହୋଇଯାଇଥିବାରୁ ସେଠାରେ ମୃତ ଶରୀରକୁ ଜଗିରହିଥିବା ଦେଖିବାକୁ ମିଳିଛି। ଶନିବାର ସାଇଣ୍ଟିଫିକ୍ ଟିମ୍ ଆସିବା ପରେ ମୃତ ଶରୀରକୁ ବ୍ୟବଚ୍ଛେଦ କରାଯାଇଥିବା ଜଣାପଡିଛି।



# ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୯ତମ ଜନ୍ମ ଜୟନ୍ତୀ:ଜାନକୀ ବଲ୍ଲଭ ଥିଲେ ବିଶିଷ୍ଟ ରାଜନେତା, ସାହିତ୍ୟିକ ଓ ସାମ୍ବାଦିକ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବିଶିଷ୍ଟ ଜନନାୟକ, ଆସାମର ପୂର୍ବତନ ରାଜ୍ୟପାଳ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଥିଲେ ଏକଧାରରେ ବିଶିଷ୍ଟ ଜନନାୟକ, ରାଜନେତା, ସୁସାହିତ୍ୟିକ ଓ ପ୍ରବୀଣ ସାମ୍ବାଦିକ। ତାଙ୍କ ରାଜନୈତିକ ଜୀବନ ପ୍ରତି ଦୃଷ୍ଟି ଦେଲେ ଜଣାଯାଏ ସେ ହିଁ ପ୍ରଥମେ ଓଡ଼ିଶାରେ ପାଞ୍ଚବର୍ଷ ପାଇଁ ସ୍ଥାୟୀ ଶାସନ ଦେଇଥିଲେ। ସେହିପରି ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ୧୦ ବର୍ଷ ମୁଖ୍ୟମନ୍ତ୍ରୀ ଭାବେ ଓଡ଼ିଶାର ଉନ୍ନତି ପାଇଁ ବହୁ ଯୋଜନା ପ୍ରଣୟନ କରିଥିଲେ ବୋଲି ଜୟଦେବ ଭବନରେ ଅନୁଷ୍ଠିତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯୯ତମ ଜନ୍ମ ଜୟନ୍ତୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ତ୍ତ, ଗୃହନିର୍ମାଣ, ଆଇନ୍ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଓ ସ୍ତମ୍ଭକାର ତଥା ପୂର୍ବତନ ଆକାଉଣ୍ଟାଣ୍ଟ ଜେନେରାଲ୍ ହରପ୍ରସାଦ ଦାସ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଶ୍ରୀ ଦାଶ ବେନ୍‌ହୁର୍ ପ୍ରମୁଖ ଯୋଗଦାନ କରି ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ବହୁମୁଖୀ ପ୍ରତିଭା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ସାହିତ୍ୟ ସାଧନା କ୍ଷେତ୍ରରେ ଅଧ୍ୟାପକ ବିଶ୍ୱରଞ୍ଜନ, ସାମ୍ବାଦିକତା କ୍ଷେତ୍ରରେ ପ୍ରଦୋଷ ପଟ୍ଟନାୟକ, ପରିବେଶ ଓ ପରିବେଶ ସୁରକ୍ଷା ପାଇଁ ଡକ୍ଟର ଜୟକୃଷ୍ଣ ପାଣିଗ୍ରାହୀଙ୍କୁ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି ସଂସଦର ସଭାପତି ତଥା ପୂର୍ବତନ ବିଧାୟକ ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ ଅଧ୍ୟକ୍ଷତା କରିଥିବା ବେଳେ ସଂସଦର ସମ୍ପାଦକ ଇଂ ବିଶ୍ୱମୋହନ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ପଶ୍ଚିମ ଓଡ଼ିଶାର ଲାଇଫ୍ ଲାଇନ୍ ହେବ ବରଗଡ଼-ନୂଆପଡ଼ା ରେଳ ଲାଇନ୍

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ରେଳବାଇ ଓଡ଼ିଶାରେ ଏହାର ପ୍ରମୁଖ ଭିତ୍ତିଭୂମି ସମ୍ପ୍ରସାରଣ ଜାରି ରଖିଛି। ଏବେ ବରଗଡ ରୋଡରୁ ନୂଆପଡା ରୋଡକୁ ସଂଯୋଗ କରୁଥିବା ୧୩୮.୩୨ କିମି ଦୈର୍ଘ୍ୟ ନୂଆ ରେଳ ଲାଇନ୍ ନିର୍ମାଣ କାର୍ଯ୍ୟ ତରାନ୍ୱିତ କରିବାକୁ ପ୍ରଖର ଉଦ୍ୟମ ଜାରି ରଖିଛି। ଏହି ପ୍ରକଳ୍ପ ଦ୍ୱାରା ରେଳ ସଂଯୋଗୀକରଣରେ ଉନ୍ନତି ଆଣିବା, ଆଞ୍ଚଳିକ ବିକାଶକୁ ବୃଦ୍ଧି କରିବା, ରୋଜଗାର ସୃଷ୍ଟି କରିବା ଏବଂ ଏହି ଅଞ୍ଚଳରେ ଉଭୟ ଯାତ୍ରୀ ଏବଂ ପଣ୍ୟ ପରିବହନ ପାଇଁ ମହତ୍ୱପୂର୍ଣ୍ଣ ସୁବିଧା ପ୍ରଦାନ କରିବାରେ ସହାୟକ ହେବ ବୋଲି ସୂଚନା ଦେଇଛନ୍ତି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ। ସେ କହିଛନ୍ତି ଯେ, ନୂତନ ରେଳ ଲାଇନ୍ ବରଗଡ ରୋଡରୁ ନୂଆପଡା ରୋଡ ପର୍ଯ୍ୟନ୍ତ ବିଦ୍ୟୁତକରଣ ସହ ବ୍ରଡ ଗେଜ (ବିଜି) ମେନ୍ ଲାଇନ୍ ହେବ। ଯାହାକି ପଦ୍ମପୁର ଦେଇ ଏକ ବିକଳ୍ପ କ୍ଷୁଦ୍ର ମାର୍ଗ ଯୋଗାଇବ ଏବଂ ଝାରସୁଗୁଡା-ବିଳାସପୁର-ରାୟପୁର ବ୍ୟସ୍ତବହୁଳ ମାର୍ଗର ବିକଳ୍ପ ଭାବେ ଦଣ୍ଡାୟମାନ ହେବ। ଏହି ନୂଆ ରେଳ ଲାଇନ୍ ସମ୍ବଲପୁର-ଝାରସୁଗୁଡା-ରାୟପୁର ଲାଇନ୍ ତୁଳନାରେ ୫୩ କିଲୋମିଟର ଏବଂ ସମ୍ବଲପୁର-ଟିଟିଲାଗଡ-ରାୟପୁର ମାର୍ଗ ତୁଳନାରେ ୮୭ କିଲୋମିଟର ଦୂର ହ୍ରାସ କରିବ, ଯାହା ପଣ୍ୟ ଏବଂ ଯାତ୍ରୀଙ୍କ ଶୀଘ୍ର ଓ ସୁଗମ ଗମନାଗମନକୁ ସହାୟତା କରିବ। ଏହି ପ୍ରକଳ୍ପରେ ୧୩ ଟି ଷ୍ଟେସନ୍ ରହିବ, ଯେଉଁଥିରେ ୨ଟି ବିଦ୍ୟମାନ ଷ୍ଟେସନ୍ ଏବଂ ୧୧ଟି ନୂତନ ଷ୍ଟେସନ୍ ରହିବ, ଯାହା ସମଗ୍ର ଅଞ୍ଚଳରେ ଉପଲବ୍ଧତାକୁ ସୁଦୃଢ଼ କରିବ। ପ୍ରକଳ୍ପ ଅନୁମୋଦିତ ଏବଂ ଆର୍ଥିକ ସମୀକ୍ଷା:୧୦ ସେପ୍ଟେମ୍ବର ୨୦୨୪ରେ ରେଳବାଇ ବୋର୍ଡ ଏହି ପ୍ରକଳ୍ପ ପାଇଁ ମୋଟ୍ ୨୬୨୧.୯୨ କୋଟି ଟଙ୍କା ମଞ୍ଜୁର କରିଥିଲା। ଏହି ପ୍ରକଳ୍ପର ଆର୍ଥିକ ବ୍ରେକ୍‌ଅପ୍ ହେଉଛି। ସିଭିଲ ଇଞ୍ଜିନିୟରିଂ: ୨୧୦୭.୩୦ କୋଟି, ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ: ୩୦୫.୫୫ କୋଟି ଏବଂ ସିଗନାଲ୍ ଏବଂ ଟେଲିକମ୍ ଇଞ୍ଜିନିୟରିଂ: ୨୦୯.୦୭ କୋଟି ଟଙ୍କା ବିନା ମୂଲ୍ୟରେ ଜମି ଯୋଗାଇଦେବା ସହ ୩୦୦ କୋଟି ଟଙ୍କା ଅନୁଦାନ ପ୍ରଦାନ କରିବା ପାଇଁ ଓଡ଼ିଶା ରାଜ୍ୟ ସରକାର ଏହାର ସମ୍ପୂର୍ଣ୍ଣ ସହାୟତା ପ୍ରଦାନ କରିଛନ୍ତି। ଜମି ଅଧିଗ୍ରହଣ ବିବରଣୀ:ଏହି ପ୍ରକଳ୍ପରେ ୯୨୪.୬୪ ହେକ୍ଟର ଜମି ଅଧିଗ୍ରହଣ ଆବଶ୍ୟକ, ଯାହାର ପରିମାଣ ପ୍ରାୟ ୩୬୪ କୋଟି। ଅଧିଗ୍ରହଣ ହେବାକୁ ଥିବା ଜମିରେ ୭୫୨.୫୨୪ ହେକ୍ଟର ବେସରକାରୀ ଜମି, ୧୨୩.୨୩୩ ହେକ୍ଟର ସରକାରୀ ଜମି ଏବଂ ୪୮.୯୧୩ ହେକ୍ଟର ଜଙ୍ଗଲ ଜମି ଅନ୍ତର୍ଭୁକ୍ତ ଉଭୟ ବରଗଡ ଏବଂ ନୂଆପଡା ଜିଲ୍ଲାର ଜମି ଅଧିଗ୍ରହଣ ପାଇଁ ଦକ୍ଷ ଅଧିକାରୀମାନେ ଯଥାକ୍ରମେ ଅକ୍ଟୋବର ୧୫, ୨୦୨୪ ଏବଂ ନଭେମ୍ବର ୨୯, ୨୦୨୪ରେ ପ୍ରକାଶିତ ଗେଜେଟ୍ ବିଜ୍ଞପ୍ତି ମାଧ୍ୟମରେ ନିଯୁକ୍ତ ହେବା ସହିତ ଅଧିଗ୍ରହଣ ପ୍ରକ୍ରିୟା ସୁରୁଖୁରୁରେ ଅଗ୍ରଗତି କରୁଛନ୍ତି। ଓଡ଼ିଶା ସରକାର ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସକ୍ରିୟ ସହଯୋଗରେ ବରଗଡ ରୋଡରୁ ନୂଆପଡା ରୋଡ ରେଳ ଲାଇନ୍‌କୁ ଠିକ୍ ସମୟରେ ସମାପ୍ତ କରିବା ଏହି ଅଞ୍ଚଳରେ ସଂଯୋଗକୁ ଯଥେଷ୍ଟ ବୃଦ୍ଧି କରିବାକୁ ପ୍ରସ୍ତୁତ ହୋଇଛି। ଏହି ପ୍ରକଳ୍ପ କେବଳ ଯାତ୍ରୀ ପରିବହନରେ ଉନ୍ନତି ଆଣିବ ନାହିଁ ବରଂ ସାମଗ୍ରୀର ଉନ୍ନତ ପରିବହନ ମାଧ୍ୟମରେ ଅର୍ଥନୈତିକ ଅଭିବୃଦ୍ଧି ମଧ୍ୟ କରିବ। ରେଳବାଇ ଜମି ଅଧିଗ୍ରହଣ ଏବଂ ନିର୍ମାଣ କାର୍ଯ୍ୟକଳାପର ଦ୍ରୁତ ଅଗ୍ରଗତି ସୁନିଶ୍ଚିତ କରିବାକୁ ପ୍ରତିଶୃତିବଦ୍ଧ ଏବଂ ଏହି ଭିତ୍ତିଭୂମି ମାଇଲ୍‌ଖୁଣ୍ଟକୁ ଓଡ଼ିଶାବାସୀଙ୍କ ସୁବିଧା ପାଇଁ ଉତ୍ସର୍ଗୀକୃତ କରାଯାଇଥିବା ସାଂସଦ ଶ୍ରୀ ପୁରୋହିତ ସୂଚନା ଦେଇଛନ୍ତି।

# ଟ୍ରକ୍ ଧକ୍କାରେ ବୃଦ୍ଧ ଗୁରୁତର

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଜାତୀୟ ରାଜପଥ ନଂ ୫୭ର ବୌଦ୍ଧ ଥାନା ଖଜୁରୀପଡା ନିକଟରେ ଏକ ଅଜଣା ଟ୍ରକ୍ ଧକ୍କାରେ ଲୁନା ଆରୋହୀ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ରାଧାନଗର ଗ୍ରାମ ପଞ୍ଚାୟତ ଦାମୋଦରପୁର ଗ୍ରାମର ୬୫ ବର୍ଷୀୟ ହିମାଂଶୁ ଶେଖର ମାଝୀ ଏକ ଲୁନା ଯୋଗେ ନିଜ ଘରୁ ବୀରନରସିଂହପୁର ଆଡକୁ ଯାଉଥିବାବେଳେ ସାମ୍ନାରୁ ଆସୁଥିବା ଏକ ଅଜଣା ଟ୍ରକ୍ ଧକ୍କା ଦେଇ ଚାଲି ଯାଇଥିଲା। ଫଳରେ ବୃଦ୍ଧ ଜଣକ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନା ପଠାଇଥିଲେ। ବୌଦ୍ଧ ଥାନା ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ନିଖୋଜ ଭକ୍ତରାମଙ୍କ ମୃତ ଦେହ ପାତାଳୀ ନଦୀରୁ ଉଦ୍ଧାର



**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ପାଡୁଆ ଥାନା ଅଧିନସ୍ଥ କସମ ପଦର ଗ୍ରାମର ୩୯ ବର୍ଷୀୟ ଭକ୍ତରାମ୍ ହନ୍ତାଳ ପିତା ଲକ୍ଷ୍ମଣ ହନ୍ତାଳ ଗତ ୩୧/୧୨/୨୪ ତାରିଖ ମଙ୍ଗଳବାର ଦିନ ଠାରୁ ନିଖୋଜ ଥିବା ବେଳେ ତାଙ୍କ ମର ଶରୀର ସ୍ଥାନୀୟ ପାତାଳୀ ନଦୀରୁ ଉଦ୍ଧାର କରାଯାଇଛି। ସୂଚନା ଅନୁସାରେ ଭକ୍ତରାମ ସେଦିନ ବଡି ଭୋରୁ ଶୌଚ ନିମନ୍ତେ ଘରୁ ବାହାରିଥିଲେ। ବହୁ ସମୟ ଧରି ଘରକୁ ନଫେରିବାରୁ ତାଙ୍କୁ ପରିବାର ଓ ଗାଁ ଲୋକେ ବହୁ ଖୋଜା ଖୋଜି ପରେ ତାଙ୍କର କୌଣସି ସନ୍ଧାନ ପାଇନଥିଲେ। ପରେ ତାଙ୍କ ସ୍ତ୍ରୀ ବାସନ୍ତୀ ହନ୍ତାଳ ସ୍ୱାମୀ ନିଖୋଜ ଥିବା ନେଇ ପାଡୁଆ ଥାନାରେ ଏତଲା ଦେଇଥିଲେ। ସ୍ଥାନୀୟ ପାତାଳୀ ନଦୀରେ ଏକ ଲାସ୍ ଭାସୁଥିବା ଖବରପାଇ ପାଡୁଆ ଥାନା ନନ୍ଦପୁର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଉଦ୍ଧାର ପରେ ଉକ୍ତ ଶବ ଭକ୍ତରାମ ବୋଲି ଚିହ୍ନଟ ହେବାପରେ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଦିଆଯାଇଛି।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୭ / ୬ବୃ | ୫ | ରା୪ / ଚଶୁଶ୍ମ୩ |
| ୮ମ | ୨୫ / ୧୧ | ୨ |
| ୯ / ୧୦କେ | ୧୧ | ୧୨ / ରବୁଲ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୬, କଳିଯୁଗାବ୍ଦ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୫।୧।୨୦୨୫, ପୌଷ ଦି୨୧ନ, ରବିବାର**

**ସୂର୍ଯ୍ୟୋଦୟ- ଘ୬।୨୩।୦୧ ଚନ୍ଦ୍ରୋଦୟ- ଦିଘ ୧୦।୨୩।୧୨**

**ଷଷ୍ଠୀ-** ରାଘ ୮।୧୬ ପର୍ଯ୍ୟନ୍ତ। **ପୂର୍ବଭାଦ୍ର ନକ୍ଷତ୍ର-** ରାଘ ୮।୧୮ ପର୍ଯ୍ୟନ୍ତ। **କୁମ୍ଭ ଚନ୍ଦ୍ର-** ଦିଘ ୨।୩୪ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର। ଦିଘ ୨।୩୪ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର। **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର। ଦିଘ ୨।୩୪ ଗତେ ଧନୁ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ନିମ ରାଘ ୮।୧୬ ପରେ ତାଳ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୭।୧୦ ଗତେ ଘ ୯।୨୦ ମଧ୍ୟେ। ଦିଘ ୧।୧୩ ଗତେ ଘ ୩।୦୭ ମଧ୍ୟେ। **ପର୍ବୋତ୍ସବ-** ଶରଣ ପଞ୍ଚକ ଶେଷ।



**ମେଷ:** ଶତ୍ରୁକୁ ପରାସ୍ତ କରିବେ। ଐଶ୍ୱର୍ଯ୍ୟ ପ୍ରାପ୍ତିର ସମ୍ଭାବନା। ଯାନବାହାନ କ୍ରୟ କରିବେ। କାର୍ଯ୍ୟହାସଲ କରିପାରନ୍ତି। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ଆୟର ପରିମାଣ ବୃଦ୍ଧି ପାଇବ।



**ବୃଷ:** କର୍ମକ୍ଷେତ୍ରରେ ଅଗ୍ରଗତି ହେବ। ବିଭିନ୍ନ ସ୍ତରରୁ ସମ୍ମାନିତ ହେବେ। ଉତ୍ସାହିତ ହୋଇ କାର୍ଯ୍ୟ କରିବେ। ରୋଜଗାର ଭଲ ହେବ। ପାରିବାରିକ ସୁଖ ଶାନ୍ତି ବଜାୟ ରହିବ। ବନ୍ଧୁ ଦର୍ଶନ।



**ମିଥୁନ:** ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପ୍ରାପ୍ତ ହେବ। ସୁସମ୍ବାଦ ପାଇବେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। ଶୁଭ କାର୍ଯ୍ୟ ପାଇଁ ଦିନଟି ଶୁଭ। ମାଲିମୋକଦ୍ଦମାରେ ବିଜୟୀ ହେବାର ସୂଚନା।



**କର୍କଟ:** କୁକର୍ମରେ ଦୃଢ଼ ପଦକ୍ଷେପ ନେବେ। ପ୍ରତିଯୋଗିତାରେ ସଫଳତା ମିଳିବ। ଦୂରଯାତ୍ରା କରି ସଫଳତା ହାସଲ କରିବେ। ବନ୍ଧୁଙ୍କ ସହଯୋଗ ମିଳିବ। ରୋଜଗାର ମଧ୍ୟମ ଧରଣର ହେବ।



**ସିଂହ:** ମନସ୍କାମନା ପୂର୍ଣ୍ଣ ହେବ। ଧର୍ମ ମାର୍ଗରେ ଚାଲିବେ। ଧନ ଲାଭର ସୁଯୋଗ। ନୂତନ କର୍ମାରମ୍ଭ ପାଇଁ ଦିନଟି ଉତ୍ତମ। ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ହେବେ। ପାରିବାରିକ ସହଯୋଗ ଲାଭ ହେବ।



**କନ୍ୟା:** କର୍ମକ୍ଷେତ୍ରରେ ସଫଳତା ମିଳିବ। ଶୁଭ କାର୍ଯ୍ୟ ପାଇଁ ଦୂରକୁ ଯାତ୍ରା କରିବେ। ସୁନାମ ଅର୍ଜନ କରିବେ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ପାରିବାରିକ ସମସ୍ୟା ଦେଖାଦେବ। ଆୟ ଓ ବ୍ୟୟ ସମାନ ରହିବ।



**ତୁଳା:** ଶତ୍ରୁ ପରାଜିତ ହୋଇ ଶରଣାଗତ ହେବେ। ମାନସିକ ଅଶାନ୍ତି ଦୂର ହେବ। ଶୁଭ ଖବର ପାଇବେ। ବ୍ୟସ୍ତତା ମଧ୍ୟରେ ଦିନଟି କଟିବ। କର୍ମକ୍ଷେତ୍ରରେ ସିଦ୍ଧି ଲାଭ କରିବେ। ଆୟର ପରିମାଣ ବଢ଼ିବ।



**ବିଛା:** ଶାରୀରିକ ସୁସ୍ଥତା ଅନୁଭବ କରିବେ। ବନ୍ଧୁ ମିଳନର ସମ୍ଭାବନା। ଅଧିକ ପରିଶ୍ରମ କରିବେ। ପାରିବାରିକ ଶାନ୍ତି ଅବ୍ୟାହତ ରହିବ। ଠକାମିର ଶିକାର ହୋଇପାରନ୍ତି। ରୋଜଗାର ଭଲ ହେବ।



**ଧନୁ:** ଗୁରୁଦାୟିତ୍ୱ ବହନ କରି କାର୍ଯ୍ୟ କରିବେ। ଉତ୍ତମ ଭୋଜନ ପ୍ରାପ୍ତ ହେବ। ଗୁରୁଙ୍କ କୃପା ଲାଭ ହେବ। ଆୟ ଓ ବ୍ୟୟ ସମାନ ରହିବ। ଦୂରଯାତ୍ରା କରିପାରନ୍ତି। ଗୃହେ ଆନନ୍ଦ ଓ ଶାନ୍ତି ଲାଭ କରିବେ।



**ମକର:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ। ଶୁଭ କାର୍ଯ୍ୟ ପାଇଁ ଆଜି ଦିନଟି ଉତ୍ତମ ଅଟେ। ମନ ଚଞ୍ଚଳ ହେବ। ଶତ୍ରୁ ନାଶ ହେବେ। ପରିବାରରେ ଶାନ୍ତି ମିଳିବ। ଦେବ ଦର୍ଶନର ସୁଯୋଗ ମିଳିପାରେ।



**କୁମ୍ଭ:** ସଦାଚାରୀ ହେବେ। ସୁସମ୍ବାଦ ପ୍ରାପ୍ତ କରିବେ। ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ସର୍ବଗୁଣ ସମ୍ପନ୍ନ ହେବେ। ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ। ଗୃହେ ଆନନ୍ଦ ଦେଖାଦେବାର ସୂଚନା।



**ମୀନ:** ଉତ୍ତମ ଆୟ ପ୍ରାପ୍ତ ହେବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଭ୍ରମଣ ଯୋଗ ରହିଛି। ଦେହ ଓ ମନ ସ୍ଥିର ରହିବ। କର୍ମକ୍ଷେତ୍ରରେ ଆନନ୍ଦ ପ୍ରାପ୍ତ ହେବ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୬, କଳିଯୁଗାବ୍ଦ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୬।୧।୨୦୨୫, ପୌଷ ଦି୨୨ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୬।୨୩।୧୬ ଚନ୍ଦ୍ରୋଦୟ- ଦିଘ ୧୧।୦୦।୧୧**

**ସପ୍ତମୀ-** ସଂଘ ୬।୨୪ ପର୍ଯ୍ୟନ୍ତ। **ଉତ୍ତରଭାଦ୍ର ନକ୍ଷତ୍ର-** ସଂଘ ୭।୦୬ ପର୍ଯ୍ୟନ୍ତ। **ମୀନ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର। **ଘାତ ଚନ୍ଦ୍ର-** ଧନୁ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ତାଳ ସଂଘ ୬।୨୪ ପରେ ନଡ଼ିଆ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୬।୨୭ ଗତେ ଘ ୭।୪୮ ମଧ୍ୟେ। ଦିଘ ୯।୨୧ ଗତେ ଘ ୧୧।୩୧ ମଧ୍ୟେ। **ପର୍ବୋତ୍ସବ-** ଶିଖ୍ ଗୁରୁ ଗୋବିନ୍ଦ ସିଂହ ଜୟନ୍ତୀ।

୬ ଡାଇଭ୍ ମାରି ବଲ୍ ରୋକିବା ବେଳେ ଭାଙ୍ଗିଲା ଗୋଡ଼ !



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

ସମ୍ବାଦ କଳିକା

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ପୃଷ୍ଠା–୩

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୩୩୭ ● ୫ ଜାନୁଆରୀ ୨୦୨୫, ରବିବାର ● ଭୁବନେଶ୍ୱର ● Vol -31 ● Issue-337 ● 5th January 2025, Sunday ● Bhubaneswar

Licensed to post without pre-payment of postage No- BN-60/25-27


# ଉତ୍କର୍ଷ ଓଡ଼ିଶା କନକ୍ଲେଭ: ୨୮ରେ ଆସିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୪।୧

ନ୍ୟୁଜ୍ ବ୍ୟୁରୋ

ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମର ପ୍ରସ୍ତୁତି ସମ୍ପର୍କରେ ଶିଳ୍ପ ବିଭାଗ ପକ୍ଷରୁ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଏକ ବିସ୍ତୃତ କାର୍ଯ୍ୟସୂଚୀ ଉପସ୍ଥାପନ କରାଯାଇଛି।

ରାଜ୍ୟରେ ବିଜେପି ସରକାର କାର୍ଯ୍ୟକାଳରେ ପ୍ରଥମଥର ପାଇଁ ଅନୁଷ୍ଠିତ ହେବାକୁ ଯାଉଥିବା ଉତ୍କର୍ଷ ଓଡ଼ିଶା କନକ୍ଲେଭର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଏହି ଅବସରରେ ଚଳିତମାସ ୨୭ରୁ ୩୦ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ରହିଥିବା ବେଳେ ୨୮ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱର ଆସି ଶିଳ୍ପପତି ଓ ପୁଞ୍ଜିନିବେଶକଙ୍କୁ ଉଦ୍‌ବୋଧନ ଦେବେ ବୋଲି ଜଣାପଡ଼ିଛି।



ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମର ପ୍ରସ୍ତୁତି ସମ୍ପର୍କରେ ଶିଳ୍ପ ବିଭାଗ ପକ୍ଷରୁ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଏକ ବିସ୍ତୃତ କାର୍ଯ୍ୟସୂଚୀ ଉପସ୍ଥାପନ କରାଯାଇଛି । ଜାନୁୟାରୀ ୨୭ତାରିଖରେ ସିଆଇଆଇ(ଭାରତୀୟ ଶିଳ୍ପ ମହାସଂଘ)ର ଜାତୀୟ କାର୍ଯ୍ୟନିର୍ବାହୀ ପରିଷଦର ବୈଠକ ଅନୁଷ୍ଠିତ ହେବ । ୨୮-୨୯ ଦୁଇଦିନ ଧରି ୪ଟି ପ୍ଲେନାରୀ ସେସନ୍, ୧୬ଟି ସେକ୍ଟରରାଲ ସେସନ ଓ ୪ଟି ରାଉଣ୍ଡ ଟେବୁଲ କନଫରେନ୍ସ ଅନୁଷ୍ଠିତ ହେବ। ଏହି ଦୁଇ ଦିନ ମଧ୍ୟରେ ଜାତୀୟ ଓ ଆନ୍ତର୍ଜାତୀୟସ୍ତରର ପ୍ରାୟ ୩ହଜାର ଶିଳ୍ପପତି, ପୁଞ୍ଜିନିବେଶକ, ଷ୍ଟାର୍ଟଅପ ଉଦ୍ୟୋଗୀ ଓ ଶିକ୍ଷ ସଂସ୍ଥା ସହିତ ଜଡ଼ିତ ବ୍ୟକ୍ତିମାନେ ଯୋଗ ଦେବେ । ୨୮ରୁ ୩୦ତାରିଖ ପର୍ଯ୍ୟନ୍ତ ଶିଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହେବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୮ତାରିଖ ଦିନ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଶିଳ୍ପ ପତି ଓ ପୁଞ୍ଜିନିବେଶକଙ୍କୁ ଉଦ୍‌ବୋଧନ ଦେବେ । ଏହି ଦୁଇଦିନ ମଧ୍ୟରେ ଶିଳ୍ପର ବିଭିନ୍ନ କ୍ଷେତ୍ର ସମ୍ବନ୍ଧିତ ସ୍ୱତନ୍ତ୍ର ସେସନ ଅନୁଷ୍ଠିତ ହେବା ସହିତ ବିଶିଷ୍ଟ ଶିଳ୍ପପତିମାନଙ୍କ ଅଭିଭାଷଣ, ମୁଖ୍ୟମନ୍ତ୍ରୀଙ୍କ ସହିତ ବଡ଼ବଡ଼ ଶିଳ୍ପ ସଂସ୍ଥାର ସିଇଓମାନଙ୍କ ରାଉଣ୍ଡ ଟେବୁଲ, ଓଡ଼ିଆ ଉଦ୍ୟୋଗୀଙ୍କ ସ୍ୱତନ୍ତ୍ର ସେସନ ଓ ମହିଳା ବିଜିନେସ ଲିଡର୍ସମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ସେସନ ଅନୁଷ୍ଠିତ ହେବ । ସୁଭଦ୍ରାରୁ ମୁଦ୍ରା ନାମରେ ଓଡ଼ିଆ ମହିଳା ଉଦ୍ୟୋଗୀମାନଙ୍କ ପାଇଁ ମଧ୍ୟ ଏକ ସ୍ୱତନ୍ତ୍ର ସେସନ ଅନୁଷ୍ଠିତ ହେବ। ଏହି ବୈଠକରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୧୫ ପରେ ମିଳିବ ସୁଭଦ୍ରା ଚତୁର୍ଥ ପର୍ଯ୍ୟାୟ ଟଙ୍କା

ଭୁବନେଶ୍ୱର, ୪।୧

ନ୍ୟୁଜ୍ ବ୍ୟୁରୋ

ଡିସେମ୍ବର ୩୦ ଯାଏ ତଦନ୍ତ ହେଉଛି ବୋଲି ପୂର୍ବରୁ ସୂଚନା ଦିଆଯାଇଥିଲା। ଏହି ସମୟ ଅବଧିକୁ ଜାନୁଆରୀ ୧୫ ଯାଏଁ ବୃଦ୍ଧି କରାଯାଇଛି। ୧୫ ପରେ ମିଳିବ ସୁଭଦ୍ରା ଚତୁର୍ଥ ପର୍ଯ୍ୟାୟ ଟଙ୍କା। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ଜାନୁଆରୀ ୧୫ ତାରିଖ ପରେ ମିଳିବ ସୁଭଦ୍ରା ଟଙ୍କା । ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ଖାତାକୁ ଆସିବ। ତେବେ ନିର୍ଦ୍ଦିଷ୍ଟ କେଉଁ ତାରିଖରେ ଟଙ୍କା ମିଳିବ, ଗାଁର ଶେଷ ଯୋଗ୍ୟ ହିତାଧିକାରୀ ଆବେଦନ ନ କଲା ଯାଏଁ ଚାଲିବ ପଞ୍ଜିକରଣ । ପ୍ରଥମ କିସ୍ତି ମିଳିବାର ଶେଷ ତାରିଖ ମାର୍ଚ୍ଚ ୮ ଥିଲା।



କିନ୍ତୁ ମାର୍ଚ୍ଚ ୩୦ ପରେ ଆବେଦନ କଲେ ବି ଏକାଥରକେ ଦୁଇଟି କିସ୍ତିର ଟଙ୍କା ମିଳିବ ବୋଲି ସେ କହିଛନ୍ତି।

ବ୍ୟାଙ୍କ ଗୁଡିକ ସହିତ ବୈଠକ ସରିଲାଣି। ଏବେ ଅଙ୍ଗନବାଡ଼ି ଦିଦି ମାନେ ଘର ଘର ବୁଲୁଛନ୍ତି । ତେଣୁ ଯାହାର ୫ ଏକର ଜମି ଅଛି ବା ନାହିଁ, ଏହି ଦ୍ୱନ୍ଦ ପାଇଁ ଡିସେମ୍ବର ୩୦ ଯାଏ ତଦନ୍ତ ହେଉଛି ବୋଲି ଦିଆଯାଇଥିଲା। ଏହି ସମୟ ଅବଧିକୁ ଜାନୁଆରୀ ୧୫ ଯାଏଁ ବୃଦ୍ଧି କରାଯାଇଛି।

# ଦିନ ଦ୍ୱିପ୍ରହରରେ ଲୁଟେରାଙ୍କ ଗୁଳିରେ ୨ ମୃତ

ପାଣିକୋଇଲି, ୪।୧

ନ୍ୟୁଜ୍ ବ୍ୟୁରୋ

ଅଳଙ୍କାର ଦୋକାନରୁ ଲୁଟ୍ କରି ଚମ୍ପଟ ମାରୁଥିଲେ ୩ ଲୁଟେରା। ପିଛା କଲା ବେଳେ ଲୁଟେରାଙ୍କ ଗୁଳି ମାଡ଼ରେ ଚାଲିଗଲା ଦୁଇ ଜଣଙ୍କ ଜୀବନ। ଗୁଳି ମାଡ଼ ପରେ ସ୍ଥାନୀୟ ଲୋକଙ୍କ ହାତରେ ଧରାପଡ଼ିଯିବା ଭୟରେ ଗାଡ଼ିଆ ଭିତରେ ପଶି ଯାଇଥିଲେ ଲୁଟେରା। ସ୍ଥାନୀୟ ଲୋକେ ଗାଡ଼ିଆ ଭିତରେ ସେମାନଙ୍କୁ ମାଡ଼ି ବସିଲେ। ଶନିବାର ଏପରି ହୃଦୟବିଦାରକ ଘଟଣା ଯାଜପୁର ଜିଲ୍ଲାରେ ଘଟିଛି।

ପାଣିକୋଇଲି ଛକରେ ରହିଛି ପଣ୍ଡା ଅଳଙ୍କାର ଦୋକାନ। ଶନିବାର ଅପରାହ୍ନ ପ୍ରାୟ ସାଢ଼େ ଗୋଟାଏ ବେଳେ ୩ ଦୁର୍ବୃତ୍ତ ସାଧାରଣ ଗ୍ରାହକଙ୍କ ପରି ଦୋକାନ ଭିତରେ ପଶିଥିଲେ। ଆଉ ଗହଣା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ନିଜ ପାଖରେ ରଖିଥିବା ପିସ୍ତଲ ବାହାର କରି ଗହଣା ଦୋକାନୀ କର୍ମଚାରୀଙ୍କୁ ଭୟଭୀତ କରାଇଥିଲେ। ଏପରିକି ଫାଙ୍କା ଗୁଳି ଚାଳନା କରିଥିଲେ। ଯେଉଁଥିପାଇଁ ଗହଣା ଦୋକାନୀ କର୍ମଚାରୀମାନେ ଡରି ଯାଇଥିଲେ। ତାପରେ ସବୁ ଗହଣାକୁ ଗୋଟିଏ ବ୍ୟାଗରେ ପୁରାଇ ଚମ୍ପଟ ମାରିବାକୁ ଚେଷ୍ଟା କରିଥିଲେ।





ଲୁଟ୍ କରିବା ପରେ ଦୋକାନକୁ ଗହଣା କିଣିବାକୁ ଆସିଥିବା ଜଣେ ବ୍ୟକ୍ତିଙ୍କ ବାଇକ୍ ଧରି ଚମ୍ପଟ ମାରୁଥିଲେ ୩ ଦୁର୍ବୃତ୍ତ। ଆଉ ସେମାନଙ୍କୁ କାର୍‌ରେ ପିଛା କରିଥିଲେ ଗହଣା ଦୋକାନର କର୍ମଚାରୀ ସୁନୀଲ୍ ରାୟ ଓ ତାଙ୍କ ସାଥୀ । ପାଣିକୋଇଲି ଛକଠାରୁ ଅଳ୍ପ ଦୂରରେ ଥିବା ବିଦ୍ୟୁତ ଅଫିସ୍ ଆଗରେ ଲୁଟେରାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା ସୁନୀଲଙ୍କ କାର୍। ତାପରେ ୩ ଦୁର୍ବୃତ୍ତ ସେଠାରେ ପଡ଼ି ଯାଇଥିଲେ

ତଳୁ ଉଠିବା ପରେ ଲୁଟେରାମାନେ ଅନ୍ଧାଦୁନିଆ ଗୁଳି ଚଳାଇ ଥିଲେ। ଯେଉଁଥିରେ ଗୁରୁତର ଆହତ ହୋଇଥିଲେ ଅଫିସ୍ ଆଗରେ ଛିଡା ହୋଇଥିବା ବିଦ୍ୟୁତ କର୍ମଚାରୀ ନୀଳମାଧବ ପଣ୍ଡା, କାର୍ ଭିତରେ ଥିବା ସୁନା ଦୋକାନୀ କର୍ମଚାରୀ ସୁନୀଲ ରାୟ ଓ ତାଙ୍କ ସାଥୀ ସମସ୍ତଙ୍କୁ ଉଦ୍ଧାର କରାଯାଇ ପାଣିକୋଇଲି (ପୃଷ୍ଠା ୭ରେ)

## ବରିଷ୍ଠ ଆଇଏଏସ୍ ମନୋଜ କୁମାର ସାହୁ ହେଲେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ



ଭୁବନେଶ୍ୱର, ୪।୧

ନ୍ୟୁଜ୍ ବ୍ୟୁରୋ

ବରିଷ୍ଠ ଆଇଏଏସ ମନୋଜ କୁମାର ସାହୁ ହେଲେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ। ଏନେଇ ଶନିବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ୨୦୦୬ ବ୍ୟାଚର ଆଇଏସ ଅଫିସର ହେଉଛନ୍ତି ମନୋଜ କୁମାର ସାହୁ । ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଥିବା ଅରିନ୍ଦମ ଡାକୁଆଙ୍କୁ ଗତ ଜାନୁଆରୀ ୨ ତାରିଖରେ ବଦଳି କରାଯାଇ ଅନ୍ୟ ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ମନୋଜଙ୍କୁ ଏ ଦାୟିତ୍ୱ ଦିଆଯାଇଛି।

୨୦୦୬ ବ୍ୟାଚ୍‌ର ଆଇଏଏସ୍ ମନୋଜ ଅରୁଣାଚଳ ପ୍ରଦେଶ, ଗୋଆ, ମିଜୋରାମ ଏବଂ କେନ୍ଦ୍ରଶାସିତ ଅଞ୍ଚଳର କ୍ୟାଡର୍ ଅଧିକାରୀ । ମନୋଜ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକର ସିଙ୍ଗାରପୁର ଗ୍ରାମର ବାସିନ୍ଦା।

# ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ : ଶପଥ ପାଠ କରାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୪।୧

ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାରଙ୍କ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଛି। ଭୁବନେଶ୍ୱର ମହାତ୍ମାଗାନ୍ଧୀ ମାର୍ଗରେ ରାଜ୍ୟ ସଡ଼କ ସୁରକ୍ଷା ମାସର ଶୁଭ ଉଦଘାଟନ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦଘାଟନ କରିଛନ୍ତି । ସଡ଼କ ସୁରକ୍ଷା ସହ ଟ୍ରାଫିକ ନିୟମ ପାଳନ ନେଇ ସଚେତନ କରାଯାଇଛି।

ସଡ଼କ ସୁରକ୍ଷା ମାସର ବାର୍ତ୍ତା ହେଉଛି ସୁରକ୍ଷିତ ଘରକୁ ଫେରନ୍ତୁ। ସୁରକ୍ଷିତ ଭାବେ ଗାଡ଼ି ଚଳାଇବାକୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଏଥିସହ ଓଡ଼ିଶା ଯାତ୍ରୀ ଆପ୍‌ର ମଧ୍ୟ ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ। ଟ୍ରାଫିକ




ସମସ୍ୟା ପାଇଁ ୨ ହଜାର ଟ୍ରାଫିକ କର୍ମଚାରୀ ପୋଷ୍ଟ ବାହାରିବ। ଚଳିତବର୍ଷ ୫୦୦ ଟ୍ରାଫିକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଏକ ପଦଯାତ୍ରା ମାଷ୍ଟରକ୍ୟାଣ୍ଟିନ ଛକଠାରୁ (ପୃଷ୍ଠା ୭ରେ)

# ଓଡ଼ିଶାର ଆତିଥେୟତା ବିଶ୍ୱ ଦରବାରରେ ଦେଖାଇବାର ସୁଯୋଗ ଆସିଛି

ଭୁବନେଶ୍ୱର, ୪।୧

ନ୍ୟୁଜ୍ ବ୍ୟୁରୋ

ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ସମୟରେ ଭୁବନେଶ୍ୱରରେ ପଥ ଉତ୍ସବ ଚାଲିବ। ପୁରୀରେ ସି-ବିଚ୍ ଫେଷ୍ଟିଭାଲ ବି ଚାଲିବ। ରାଜ୍ୟର କଳା ସଂସ୍କୃତି ସମେତ ୩୧ଟି ପର୍ଯ୍ୟଟନ ସ୍ଥଳୀକୁ ପ୍ରଦର୍ଶିତ କରାଯିବ।

ଭୁବନେଶ୍ୱର ଜନତା ମୈଦାନରେ ଅନୁଷ୍ଠିତ ହେବ ତିନି ଦିନିଆ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ। ଆସନ୍ତା ୮ରୁ ୧୦ ଯାଏ ଏହି ସମ୍ମିଳନୀ ଚାଲିବ। ଏଥିପାଇଁ ଚାଲିଛି ଜୋରଦାର ପ୍ରସ୍ତୁତି । ପର୍ଯ୍ୟଟନ ବିଭାଗ ବି ଏଥିଲାଗି ସମ୍ପୂର୍ଣ୍ଣ ପ୍ରସ୍ତୁତ। ରାଜ୍ୟ ସରକାରଙ୍କ ସବୁ ବିଭାଗ ସହଯୋଗରେ ଚାଲିଛି ପ୍ରସ୍ତୁତି । ଏ ନେଇ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି।

ସମ୍ମିଳନୀ ସମୟରେ ଭୁବନେଶ୍ୱରରେ ପଥ ଉତ୍ସବ, ପୁରୀରେ ସି-ବିଚ ଫେଷ୍ଟିଭାଲ ଅନୁଷ୍ଠିତ ହେବ । ରାଜ୍ୟର କଳା ସଂସ୍କୃତି




ସମେତ ୩୧ଟି ପର୍ଯ୍ୟଟନ ସ୍ଥଳୀକୁ ପ୍ରଦର୍ଶିତ କରାଯିବ। ବୁଦ୍ଧିଷ୍ଟ କରିଡ଼ର ହେଉ ବା ସ୍ପିରିଚୁଆଲ ଟୁରିଜିମ ସବୁ କିଛି ବ୍ୟବସ୍ଥା ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ପ୍ରବାସୀ ଭାରତୀୟଙ୍କୁ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲାଇ ଦେଖାଯିବ। ଏଥିପାଇଁ ଓଡ଼ିଆ, ହିନ୍ଦୀ ଓ ଇଂରାଜୀ କହି ପାରୁଥିବା ଗାଇଡ୍ ରହିବେ। ଯେଉଁ ହୋଟେଲରେ ପ୍ରବାସୀ ଭାରତୀୟ ରହିବେ, ସେସବୁ ହୋଟେଲର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ସେଠାରୁ ବିଭିନ୍ନ ସ୍ଥାନକୁ କିଭଳି ଡବଲ ଡେକର ବସ୍‌ରେ ବୁଲିପାରିବେ ଅତିଥି, ତାହା ମଧ୍ୟ ସୁନିଶ୍ଚିତ କରାଯାଇଛି।

ଅଢ଼େଇ ହଜାର (ପୃଷ୍ଠା ୭ରେ)


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


# ବଡ଼ଦାଣ୍ଡରେ ବିକ୍ରି ହେଉଥିବା ଖଜା ମହାପ୍ରସାଦ ନୁହେଁ

ପୁରୀ, ୪।୧ : ନ୍ୟୁଜ୍ ବ୍ୟୁରୋ

ଖଜା ଜଗନ୍ନାଥ ସଂସ୍କୃତି ସହିତ ଜଡିତ। ମହାପ୍ରଭୁଙ୍କ ଶୁଖିଲି ଭୋଗ ହିସାବରେ ଖଜା, ଗଜା, ଜଗନ୍ନାଥ ବଲ୍ଲଭ ଅତି ପ୍ରିୟ। ଠାକୁରଙ୍କ ଛପନ ଭୋଗ ମଧ୍ୟରେ ଖଜା ହେଉଛି ଅନ୍ୟତମ। କାହିଁ କେବେଠାରୁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଖଜା ଭୋଗ ଲାଗିଆସୁଛି । ପୁରୀରେ ହିଁ ଏହାର ଉତ୍ପତ୍ତି, ଯେଉଁଥି ପାଇଁ ପୁରୀ ଖଜାର ସ୍ୱତନ୍ତ୍ରତା ରହିଛି। ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଆସୁଥିବା ବାହାର ରାଜ୍ୟର ଶ୍ରଦ୍ଧାଳୁ ଫେରିବା ବେଳେ ପୁରୀ ଖଜାକୁ ହିଁ ସାଙ୍ଗରେ ନେଇ ଯାଇଥାନ୍ତି। ପୁରୀ ଖଜା କେବଳ ଓଡ଼ିଶା ନୁହେଁ, ଭାରତର ବିଭିନ୍ନ ରାଜ୍ୟରେ ପ୍ରସିଦ୍ଧ।

ମହାପ୍ରସାଦ ବ୍ୟତୀତ ବାହାରୁ ଆସୁଥିବା ଶ୍ରଦ୍ଧାଳୁଙ୍କର ଏହି ଖଜା ପ୍ରତି ସ୍ୱତନ୍ତ୍ର ଆକର୍ଷଣ ରହିଛି। ହେଲେ ଶ୍ରୀଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ବହୁ ପ୍ରାଚୀନ ପୁରୀ ଖଜାକୁ ନେଇ



କିଛି ମୁନାଫାଖୋର ବ୍ୟବସାୟୀ ଏଥିରେ ଅପମିଶ୍ରଣ କରୁଛନ୍ତି । ଶ୍ରୀମନ୍ଦିର ବାହାରେ ବିକ୍ରି ହେଉଥିବା ଖଜା ମହାପ୍ରସାଦ କହି ଭକ୍ତଙ୍କୁ ଭ୍ରମିତ କରୁଛନ୍ତି । ତେଣୁ ଏହାକୁ ନେଇ କଠୋର ଆଭିମୁଖ୍ୟ ପ୍ରକାଶ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ। ସେ ତାଙ୍କ ଏକ୍ସରେ ସୂଚନା ଦେଇଛନ୍ତି ଯେ, ମହାପ୍ରଭୁଙ୍କୁ ଲାଗି ପରେ ଶ୍ରୀମନ୍ଦିର ଆନନ୍ଦ ବଜାରରେ ଖଜା ମହାପ୍ରସାଦ ବିକ୍ରି ହୋଇଥାଏ। କିନ୍ତୁ ଶ୍ରୀମନ୍ଦିର ବାହାରେ ଏପରି କି ବଡ଼ଦାଣ୍ଡରେ କିଛି ବ୍ୟବସାୟୀ ମହାପ୍ରସାଦ ନାମରେ ଖଜା ବିକ୍ରି କରୁଥିବା ଦୃଷ୍ଟିଗୋଚର ହୋଇଛି, ଯାହାକି ସମ୍ପୂର୍ଣ୍ଣ ରୂପେ ଭୁଲ୍। ତେଣୁ ଏଥିରୁ ବିରତ ରହିବା ସହ ଭକ୍ତଙ୍କୁ ବିଭ୍ରାନ୍ତ ନ କରିବାକୁ ସମସ୍ତ ଖଜା ବ୍ୟବସାୟୀଙ୍କୁ ପରାମର୍ଶ ଦିଆଯାଇଛି। ଶ୍ରୀକ୍ଷେତ୍ରକୁ ଆସୁଥିବା ଅଗଣିତ ଭକ୍ତଙ୍କ ଭାବାବେଗକୁ ସମ୍ମାନ ଦେବା ଆମ ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ। ଏଥିରେ ବ୍ୟତିକ୍ରମକୁ କଦାପି ବରଦାସ୍ତ କରାଯିବ ନାହିଁ।

## ଓଡ଼ିଶା ଯାତ୍ରୀ ଆପ୍ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୪।୧

ନ୍ୟୁଜ୍ ବ୍ୟୁରୋ

ଓଡିଶା ଯାତ୍ରୀ ଆପ୍ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢୀ କହିଛନ୍ତି ଯେ, ଓଲା, ଉବେର ଏସବୁ କମର୍ସିଆଲ ବେସିସ୍। ଅର୍ଥାତ ମିଡ଼ିଲ ମ୍ୟାନ ଲାଭବାନ ହେଉଛି। ଡ୍ରାଇଭର ମାନଙ୍କଠାରୁ କମିଶନ ନେଉଛି କମ୍ପାନୀ। ଏପ୍ରକାର ବ୍ୟବସ୍ଥାକୁ ହଟେଇବା ଲାଗି ଏଥିରେ ସ୍ୱଚ୍ଛତା ଆଣିବା ପାଇଁ ଉଦ୍ୟମ କରାଯାଉଛି। ରାଜ୍ୟ ସରକାରଙ୍କ ସହଯୋଗରେ ଏହି ଆପ ପ୍ରସ୍ତୁତ କରାଯାଇଛି। ଓଡିଶା ଯାତ୍ରୀ ଆପ୍ ପ୍ରବାସୀ ଭାରତୀୟ ଦିବସରେ ମଧ୍ୟ ଲାଗିବ। ସୁରକ୍ଷିତ ଭାବେ ଯାତ୍ରୀ ଏଥିରେ ଯାଇପାରିବେ। ଏହା କ୍ଲଟ ଟେକ୍ନିକାଲ ହ୍ୟାଣ୍ଡେଲ କରୁଛି। ଆପ ଓଡିଶା ସରକାରଙ୍କ ଦ୍ୱାରା ପ୍ରଚଳିତ।

## ଏକାଳ ପକାଳ



କେଉଁଠି ଲୁଟ କେଉଁଠି ଠକାମୀ
କେଉଁଠି ଗୁଳି ଓ ହଣା
ଗୁଳିଗୋଳାରେ କମ୍ପଇ ରାଇଜ
ପଡ଼ୁନି କାହାକୁ ଜଣା
ଦିନରାତି ଜୀବନ ଯନ୍ତ୍ରଣା
ଅସୁରକ୍ଷିତ ଜନସାଧାରଣ
ପ୍ରଶାସନ କି ବାଟବଣା।

# ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ପୁରୀ : ୨୦୨୩ରେ ଆସିଛନ୍ତି ୨ କୋଟି ୬ ଲକ୍ଷ ୫୮ ହଜାର ପର୍ଯ୍ୟଟକ



ପୁରୀ, ୪।୧

ନ୍ୟୁଜ୍ ବ୍ୟୁରୋ

ଆକର୍ଷଣୀୟ ଦର୍ଶନୀୟ ସ୍ଥାନ ପାଇଁ ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ପୁରୀର ସ୍ଥାନ ସ୍ୱତନ୍ତ୍ର। ଏଠାରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଅନେକ ଜାଗା ରହିଛି। ସେହିପରି ଦେଶର ଶ୍ରେଷ୍ଠ ଧାର୍ମିକସ୍ଥଳ ହେଉଛି ପୁରୀ। ଶ୍ରୀମନ୍ଦିର ଭଳି ଆଧାତ୍ମିକ ପୀଠ ସାଙ୍ଗକୁ କୋଣାର୍କର ସୂର୍ଯ୍ୟମନ୍ଦିର, ପ୍ରକୃତିରାଣୀ ଚିଲିକା ଭଳି ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ ରହିଛି । ତେଣୁ ଓଡ଼ିଶା ଆସୁଥିବା ଦେଶ ବିଦେଶର ପର୍ଯ୍ୟଟକଙ୍କ ମଧ୍ୟରୁ ଅଧିକାଂଶଙ୍କ ପସନ୍ଦର ସ୍ଥାନ ହେଉଛି ପୁରୀ । କିନ୍ତୁ ୨୦୨୦ ଏବଂ ୨୦୨୧ରେ କୋଭିଡ୍ ମହାମାରୀ ପାଇଁ ପର୍ଯ୍ୟଟକଙ୍କ ସଂଖ୍ୟା ଢେର୍ କମି ଯାଇଥିବା ବେଳେ ଗତ ୨ ବର୍ଷ ପୁଣି ଉପରମୁହାଁ ହୋଇଛି ପୁରୀ ପର୍ଯ୍ୟଟନର ଗ୍ରାଫ୍ । ବିଭାଗ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ୨୦୨୨ ଅପେକ୍ଷା ୨୦୨୩ରେ ୬୦ଲକ୍ଷ ଅଧିକ ପର୍ଯ୍ୟଟକ ପୁରୀ ଆସିଛନ୍ତି । ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ସଂଖ୍ୟା ବି ଢେର୍ ବୃଦ୍ଧି ପାଇଛି । ନିକଟରେ ଓୟୋ ପକ୍ଷରୁ ଜାରି କରାଯାଇଥିବା ଟ୍ରାଭେଲୋପିଡିଆ ୨୦୨୪ ରିପୋର୍ଟରେ ପୁରୀ ଦେଶର ଶ୍ରେଷ୍ଠ ଧାର୍ମିକ ସ୍ଥଳ ଭାବେ ଆଖ୍ୟା ପାଇଛି।

ସୂଚନା ଅନୁଯାୟୀ, ୨୦୧୯ରୁ ୨୦୨୩ ଏହି ୫ ବର୍ଷର ତଥ୍ୟ ଦେଖିଲେ ଗତ ୩ ବର୍ଷ (ପୃଷ୍ଠା ୭ରେ)

# ବଡ ସଫଳତା : ମହାକାଶରେ ଗଜା ହେଲା ମଞ୍ଜି




ନୂଆଦିଲ୍ଲୀ, ୪।୧

ସାରା ବିଶ୍ୱ ଯେଉଁ ବିଷୟ ନେଇ ଅପେକ୍ଷା କରିଥିଲା, ତାହା ଭାରତୀୟ ମହାକାଶ ଗବେଷଣା ସଂଗଠନ ଇସ୍ରୋ ସଫଳ କରି ଦେଖାଇଛି । ମହାକାଶରେ ଗଜା ହୋଇଛି ମଞ୍ଜି । ଇସ୍ରୋ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ମହାକାଶରେ ଝୁଡ଼ଙ୍ଗ ମଞ୍ଜି ଗଜା ହୋଇଛି । ଇସ୍ରୋ ପକ୍ଷରୁ ସ୍ପେଡେକ୍ସ ମିଶନ ଜରିଆରେ ମହାକାଶକୁ ଝୁଡଙ୍ଗ ମଞ୍ଜି ପଠାଯାଇଥିଲା ଏବଂ ଏହାର ଉଦ୍ଦେଶ୍ୟ ଥିଲା ଯେ ମହାକାଶରେ ମଞ୍ଜି ଗଜା ହେବ କି ନାହିଁ ଓ ଏହା ବିକଶିତ ହେବ କି ନାହିଁ। ପରୀକ୍ଷା କରିବା ନିଜର ଅଫିସିଆଲ ସାମାଜିକ ଗଣମାଧ୍ୟମ ଏକ୍ସରେ (ପୃଷ୍ଠା ୭ରେ)

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ୫ ପ୍ରତିଶତ ତଳେ ଗ୍ରାମୀଣ ଦାରିଦ୍ର୍ୟ ହାର

ଆର୍ଥିକ ବର୍ଷ ୨୦୨୩-୨୪ରେ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦ୍ରୁତ ଭାବେ ହ୍ରାସ ହୋଇଛି । ଏହା ପ୍ରଥମ ଥର ଲାଗି ୫%ରୁ ନିମ୍ନରେ ରହିଛି। ୨୦୨୨-୨୩ରେ ଏହା ୭.୩% ରହିଥିବା ବେଳେ ଗତ ଆର୍ଥିକ ବର୍ଷ ୪.୮%କୁ ଖସି ଆସିଥିବା ଏସ୍‌ବିଆଇ ରିସର୍ଚ୍ଚ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟରେ କୁହାଯାଇଛି । ୨୦୧୨ରେ ଏହି ହାର ୨୫.୭% ସ୍ତରରେ ଥିଲା । ସହରାଞ୍ଚଳରେ ଦାରିଦ୍ର୍ୟ ହାର ୪.୬% ରୁ ୪.୦୯%କୁ ଖସିଛି । ଆର୍ଥିକ ବର୍ଷ ୨୦୧୨- ୧୩ରେ ଏହା ୧୩.୭% ଥିଲା । ୨୦୧୨ ତୁଳନାରେ ଦାରିଦ୍ର୍ୟ ହାରରେ ବଡ ପରିବର୍ତ୍ତନ ଆସିଛି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ଗତ ୧୦ ବର୍ଷରେ ୨୩ କୋଟିରୁ ଉର୍ଦ୍ଧ୍ୱ ଲୋକ ଦାରିଦ୍ର୍ୟ କବଳରୁ ବାହାରକୁ ଆସିଛନ୍ତି । ଆଗାମୀ ବର୍ଷଗୁଡିକରେ ସହରାଞ୍ଚଳ ଦାରିଦ୍ର୍ୟ ହାର ଆହୁରି ହ୍ରାସ ହୋଇପାରେ । ୨୦୨୧ ଜନଗଣନା ସମ୍ପୂର୍ଣ୍ଣ ହେଲେ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଦାରିଦ୍ର୍ୟ ହାରରେ କିଛିଟା ସଂଶୋଧନ ହେବ । ଗ୍ରାମାଞ୍ଚଳରେ ଚାହିଦା ଉନ୍ନତ ହେବାରୁ ଏହା ଲୋକଙ୍କ ଆର୍ଥିକ ସ୍ଥିତିରେ ମଧ୍ୟ ଭଲ ପ୍ରଭାବ ପକାଇଛି। ସଦ୍ୟତମ ପାରିବାରିକ ଚାହିଦା ସର୍ଭେ (ଏଚ୍‌ସିଇଏସ) ମୁତାବକ, ଭିତ୍ତିଭୂମି ଦୃଢ଼ୀକରଣ ହେବା ଯୋଗୁ ଏହା ଗ୍ରାମାଞ୍ଚଳରେ ଯାନବାହନ ଗ୍ରହଣୀୟତା ବଢ଼ାଇଛି । ଏହା ରୋଜଗାର କ୍ଷେତ୍ରରେ ମଧ୍ୟ ସକରାତ୍ମକ ପରିବର୍ତ୍ତନ ସହ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ମଧ୍ୟରେ ଆୟ ଅସମାନତା ହ୍ରାସ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହାବାଦ କେନ୍ଦ୍ର ସରକାର ବିଭିନ୍ନ ଯୋଜନାର ଅର୍ଥ ବାଟମାରଣା ରୋକିବା ଲାଗି ସୁବିଧାର ପ୍ରତ୍ୟକ୍ଷ ହସ୍ତାନ୍ତର (ଡିବିଟି) ଜରିଆରେ ପ୍ରକୃତ ହିତାଧିକାରୀଙ୍କୁ ବ୍ୟାଙ୍କ ଖାତାରେ ଆର୍ଥିକ ସହାୟତା ଦେଉଛନ୍ତି । ଏହା ମଧ୍ୟ ଗ୍ରାମାଞ୍ଚଳର ସ୍ଥିତି ଉନ୍ନତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ସରକାର ଗ୍ରହଣ କରୁଥିବା ଡିବିଟି, ଗ୍ରାମୀଣ ଭିତ୍ତିଭୂମି ଦୃଢ଼ୀକରଣ, କୃଷି ଆୟ ବୃଦ୍ଧି ପଦକ୍ଷେପ ଭଳି ଅନ୍ୟ ପ୍ରମୁଖ କାର୍ଯ୍ୟକ୍ରମ ଗ୍ରାମାଞ୍ଚଳ ପରିବାର ଗୁଡିକର ଉନ୍ନତି ଦିଗରେ କାର୍ଯ୍ୟ କରୁଛି ।

ମୁଦ୍ରାସ୍ଫୀତି ଆଧାରରେ ୨୦୨୩-୨୪ ଲାଗି ଏସ୍‌ବିଆଇ ରିସର୍ଚ୍ଚ ଯଥାକ୍ରମେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଦାରିଦ୍ର୍ୟ ସୀମା ରେଖା ଯଥାକ୍ରମେ ୧୬୩୨ ଟଙ୍କା ଏବଂ ୧୯୪୪ ଟଙ୍କା ଧାର୍ଯ୍ୟ କରିଛି । ୨୦୧୧-୧୨ ଲାଗି ସୁରେଶ ତେନ୍ଦୁଲକର କମିଟି ଏହାକୁ ଯଥାକ୍ରମେ ୮୧୬ ଏବଂ ୧୦୦୦ ଟଙ୍କା ରଖିଥିଲେ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁଗସ୍ପା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମସ୍ତୁତେ ।'**

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ୍ଧ ବ୍ୟ୍ସ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁଗସ୍ପା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ତ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡ଼ି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# ନୂତନ ବର୍ଷର ଆଧ୍ୟାତ୍ମିକ ବାର୍ତ୍ତା


ଆଶୁତୋଷ ନାୟକ
ଗୋପାଳପୁର, ବାଲେଶ୍ୱର,
ମୋ-୭୦୨୦୬୧୧୩୦୦

ଏ ବିଶ୍ୱ ବ୍ରହ୍ମାଣ୍ଡରେ ମନୁଷ୍ୟ ସର୍ବଶ୍ରେଷ୍ଠ ପ୍ରାଣୀ । ଆମ ହିନ୍ଦୁ ଶାସ୍ତ୍ରରେ ଏହା ବର୍ଣ୍ଣିତ ଅଛିଯେ ମନୁଷ୍ୟ ଜୀବନ ଅତି ଦୁର୍ଲଭ କାରଣ ଏହା ବିଶ୍ୱାସ କରାଯାଏ ଅନେକ ତପସ୍ୟା ଏବଂ ପୁଣ୍ୟ ବଳରେ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ବିଶ୍ୱର ଅନେକ ପ୍ରସିଦ୍ଧ ବୈଜ୍ଞାନିକଙ୍କ ଆକଳନ ଅନୁଯାଇ ୧୮ ଲକ୍ଷ ପ୍ରଜାତିର ଜୀବଙ୍କ ମଧ୍ୟରୁ ମନୁଷ୍ୟ ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ, ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ପ୍ରାଣୀ । ସେଥିପାଇଁ ଶ୍ରୀମଦଭାଗବତମଂ ୭/ ୬/ ୨ ରେ ଏହା ବର୍ଣ୍ଣିତ ଅଛି,

**'କୌମାର ଆଚରେତ ପ୍ରାଜ୍ଞ ଧର୍ମାନ ଭାଗବତାନିହ ।
ଦୁର୍ଲଭଂ ମାନୁଷଂ ଜନ୍ମ ତଦପ୍ୟ ଧ୍ରୁବମର୍ଥଦମ୍ ।'**

ପରମ ଶାସ୍ତ୍ର ଭାଗବତରେ ଏହା ବର୍ଣ୍ଣିତ ରହିଛି ୮୪ଲକ୍ଷ ଜନ୍ମ ପରେ ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ସେଥିପାଇଁ କୁହାଯାଇଛି ବାଲ୍ୟକାଳରୁ ମନୁଷ୍ୟଙ୍କୁ ଈଶ୍ୱରଙ୍କ ଆଶ୍ରିତ ହେବା ଅତ୍ୟନ୍ତ ଆବଶ୍ୟକ କାରଣ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ କ୍ଷଣିକ ଏବଂ ପରମାର୍ଥ ପ୍ରଦାନ କରିବାରେ ସମର୍ଥ । ଏ ବିଶ୍ୱବ୍ରହ୍ମାଣ୍ଡରେ ଦେଖାଯାଉଥିବା ସମସ୍ତ ସୁନ୍ଦର ବସ୍ତୁ ବଡ଼ ବଡ଼ ଅଟ୍ଟାଳିକାଠାରୁ ଆରମ୍ଭ କରି ନଦୀ ପୁଷ୍କରିଣୀ ଅରଣ୍ୟ ସାଗର ପର୍ଯ୍ୟନ୍ତ ସବୁଦିନ ମାଟିରେ ମିଶିବ । ଯାହାର ସୃଷ୍ଟି ହୋଇଛି ତାହାର ଧ୍ୱଂସ ସୁନିଶ୍ଚିତ ସେ ସଜୀବ ହୁଅନ୍ତୁ କିମ୍ବା ନିର୍ଜୀବ । ଏହା ଚିରନ୍ତନ ସତ୍ୟ । ମନୁଷ୍ୟ ଜୀବନ ମଧ୍ୟ କ୍ଷଣସ୍ଥାୟୀ । ପାଣି ଫୋଟକା ପରି ମନୁଷ୍ୟର ଆୟୁଷ ମଧ୍ୟ ଅତି ସଂକ୍ଷିପ୍ତ। ଜନ୍ମ ଏବଂ ମୃତ୍ୟୁ ମନୁଷ୍ୟର ନିୟନ୍ତ୍ରଣରେ ନଥାଏ । ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସୃଷ୍ଟିକର୍ତ୍ତା ଜଗତର ନାଥ ଜଗନ୍ନାଥଙ୍କ ନିର୍ଦ୍ଦେଶ ବିନା କୌଣସି କାର୍ଯ୍ୟ ହୋଇନଥାଏ । କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ଏକବିଂଶ ଶତାବ୍ଦୀର ଅହଙ୍କାରୀ ସ୍ୱାର୍ଥବାଦୀ ମନୁଷ୍ୟ କାମନା ବାସନା ଓ ମାୟାବନ୍ଧନରେ ଆବଦ୍ଧ ହୋଇ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ମୃତ୍ୟୁ କେତେବେଳେ କେଉଁ ରୂପରେ କାହା ମାଧ୍ୟମରେ ଆସିବ ତାହାକୁ କଳ୍ପନା କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ । ତାହା କେବଳ ସୃଷ୍ଟିକର୍ତ୍ତା ପରମବ୍ରହ୍ମ ଅନାଥର ନାଥ କାଳିଆ ସାଆନ୍ତଙ୍କୁ ଜଣା । ମହାଭାରତ ଯୁଦ୍ଧକ୍ଷେତ୍ରରେ ମୋହବଦ୍ଧ ଅର୍ଜୁନଙ୍କ ଉଦ୍ଦେଶ୍ୟରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ଯେତେବେଳେ ସଂସାରରେ ଧର୍ମର ପରାଭବ ଘଟି ଅଧର୍ମର ଉତଥାନ ହୁଏ, ମୁଁ ସେତେବେଳେ ବିଧର୍ମୀମାନଙ୍କୁ ବିନାଶକରି ଧର୍ମର ସୁରକ୍ଷା ଏବଂ ସାଧୁ ମାନଙ୍କର ପରିତ୍ରାଣ ପାଇଁ ଅବତାର ଗ୍ରହଣ କରେ । ଅତ୍ୟାଚାରୀ ଶାସକମାନେ ଆମ ସଂପ୍ରସାରଣର ହୀନ ମନବୃତ୍ତି ବଶତଃ 'ଧର୍ମ' ଭଳି ଶବ୍ଦକୁ ରାଜନୈତିକ ସ୍ୱାର୍ଥସାଧନରେ ବ୍ୟବହାର କରୁଛନ୍ତି । ଅତ୍ୟାଚାରୀ ଓ ଅଧର୍ମୀ ଆଉରଙ୍ଗଜେବଙ୍କ ଧର୍ମଭୀତ୍ତିକ ରାଜନୀତି ତତ୍କାଳୀନ ହିନ୍ଦୁ ପ୍ରଜାମାନଙ୍କୁ ନିର୍ଯାତନା ଓ ଅତ୍ୟାଚାର ସହିବାକୁ ପଡିଥିଲା । ଏପରିକି ପରବର୍ତ୍ତୀ କାଳରେ ବ୍ରିଟିଶ ଶାସକମାନେ ମଧ୍ୟ ସ୍ୱଧର୍ମର ପ୍ରଚାର ନିମନ୍ତେ ଭାରତୀୟ ଧର୍ମ ଓ ସଂସ୍କୃତି ଉପରେ ଛୁରିକାଘାତ କରିବାକୁ ସବୁ କଳ,ବଳ, କୌଶଳ ଉପଯୋଗ କରିଥିଲେ । ସେ ହୃଦୟ ବିଦାରକ ନିର୍ଯାତନାର କାହାଣୀ ଇତିହାସ ପୃଷ୍ଠାରୁ କେବେ ଲିଭିଯିବ ନାହିଁ। ଧର୍ମନିରପେକ୍ଷତା ଆଜି କେବଳ ଆଧୁନିକ ଭାରତର ଏକ ସ୍ଲୋଗାନ ନୁହେଁ, ଏହାର ଐତିହ୍ୟ ସୁପ୍ରାଚୀନ ଅଟେ । ବୁଦ୍ଧଦେବ, ଯୀଶୁ, ମହମ୍ମଦ, ଶଙ୍କରାଚାର୍ଯ୍ୟ, ବଳରାମ ଦାସ, ଶ୍ରୀ ଚୈତନ୍ୟ ଦେବ, ସନ୍ଥ ତୁଳସୀ ଦାସ, ମହାତ୍ମା କବୀର, ସ୍ୱାମୀ ବିବେକାନନ୍ଦ ପରି ମହାପୁରୁଷ ଏଠାରେ ଜନ୍ମଗ୍ରହଣ କରି ସେମାନଙ୍କ ମାନବବାଦ ବାଣୀ ଶୁଣାଇ ଯାଇଛନ୍ତି । କେହି କୁତ୍ରାପି କୌଣସି ଧର୍ମ ପ୍ରତି ବିଦ୍ୱେଷ ଭାବ ପୋଷଣ କରି ନାହାନ୍ତି । ଏକବିଂଶ ଶତାବ୍ଦୀର ମନୁଷ୍ୟ ପ୍ରଭୁ ଶ୍ରୀରାମଙ୍କର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ ସମ୍ପାଦନ କରିପାରିଲେ ରାମରାଜ୍ୟର ପରିକଳ୍ପନା ବାସ୍ତବରେ ସମ୍ଭବ ହୋଇପାରିବ । ପିତୃସତ୍ୟ ପାଳନ କରିବା ପାଇଁ ଯେପରି ଭଗବାନ ଶ୍ରୀରାମ ୧୪ବର୍ଷ ଧରି ବନବାସରେ ଅତିବାହିତ କରିଥିଲେ । ସେହିପରି ମନୁଷ୍ୟ ଜୀବନରେ ଯେତେ ବାଧାବିଘ୍ନ, ଦୁଃଖକଷ୍ଟ, ଘାତପ୍ରତିଘାତ ଆସିଲେ ମଧ କଦାପି ସତ୍ୟପଥରୁ ବିଚ୍ୟୁତ ହେବା କାପୁରୁଷର ଲକ୍ଷଣ । ଭଗବାନ ଶ୍ରୀରାମ ସତ୍ୟ, ଧର୍ମ, ନ୍ୟାୟ ଏବଂ ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ।

ଏହିସବୁ ମହନୀୟ ଗୁଣ ମନୁଷ୍ୟ ନିଜର ବାସ୍ତବ ଜୀବନରେ ଉପଯୋଗ କରିପାରିଲେ ସେ ନିଜକୁ ପ୍ରତିଷ୍ଠିତ କରିପାରିବ । ଭଗବାନ ଶ୍ରୀରାମ ଯେପରି ବିଶ୍ୱବ୍ରହ୍ମାଣ୍ଡର ଛୋଟ କୀଟପତଙ୍ଗ ଠାରୁ ଆରମ୍ଭ କରି ପଶୁପକ୍ଷୀ, ମନୁଷ୍ୟ ପର୍ଯ୍ୟନ୍ତ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ । ତାଙ୍କ ପାଖରେ ଉଚ୍ଚନୀଚର ଭେଦଭାବ ନଥିଲା । ସେହିପରି ଆମକୁ ଅହଂକାର ପରିହାର କରି ସମସ୍ତଙ୍କୁ ଆପଣାର ଭାବିବାକୁ ପଡିବ, କାହାକୁ ବି ହେୟଜ୍ଞାନ ମନେକରିବା ଉଚିତ ନୁହେଁ । ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଆବଶ୍ୟକ। ପ୍ରଭୁ ଶ୍ରୀରାମ ଯେପରି ନମ୍ର ଶାଳୀନତାପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରୁଥିଲେ ତାହା ଏକବିଂଶ ଶତାବ୍ଦୀର ମନୁଷ୍ୟ ପାଇଁ ନିଶ୍ଚିତ ଭାବେ ପ୍ରେରଣାଦାୟୀ । ମନୁଷ୍ୟଙ୍କୁ ସଫଳ ହେବାକୁ ହେଲେ ବାସ୍ତବ ଜୀବନରେ ନମ୍ର, ଉଦାରବାଦୀ, ଦୟାଳୁ, କର୍ତ୍ତବ୍ୟନିଷ୍ଠ, ସତ୍ୟବାଦୀ ହେବାକୁ ପଡିବ । ଭଗବାନ ଶ୍ରୀରାମ ଆଦର୍ଶବାଦୀ, ନ୍ୟାୟବନ୍ତ, ପ୍ରଜାଅନୁରାଗୀ, ସତ୍ୟନିଷ୍ଠ ରାଜା ଥିଲେ। ଠିକ୍ ସେହିପରି ଏକବିଂଶ ଶତାବ୍ଦୀର ରାଜନେତା କ୍ଷମତା ମୋହରେ ଅନ୍ଧ ନହୋଇ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଗରିବ ଓ ଅସହାୟ ଜନତାଙ୍କ ସେବା କରିବା ଉଚିତ । ପ୍ରଭୁ ଶ୍ରୀରାମ ଯେପରି ନିଜର ନୀତି, ଆଦର୍ଶ,ନୈତିକତା ସହିତ କୌଣସି ସାଲିସ କରୁନଥିଲେ ଠିକ୍ ସେହିପରି ଯେତେ ବାଧାବିଘ୍ନ ଘାତପ୍ରତିଘାତ ଆସିଲେ ମଧ୍ୟ ଆମେ ନିଜର ନୈତିକତା, ନୀତି, ଆଦର୍ଶ ସହିତ ସାଲିସ କରିବା ଅନୁଚିତ । ଯେପରି ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମ ମୃତ୍ୟୁଶଯ୍ୟାରେ ପଡିରହିଥିବା ଅହଂକାରୀ ଦାନବ ରାବଣ ଠାରୁ ଶିକ୍ଷା ଗ୍ରହଣ କରିବା ପାଇଁ ନିଜର କନିଷ୍ଠ ଭ୍ରାତା ଲକ୍ଷ୍ମଣଙ୍କୁ ପ୍ରେରଣ କରି ନିଜର ମହାନତା, ନମ୍ରତାର ପରିଚୟ ଦେଇଛନ୍ତି ଏହା ସଦାସର୍ବଦା ମାନବଜାତି ପାଇଁ ପ୍ରେରଣାଦାୟୀ ।

ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରାର ମହାନତାର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା । ନିଶାଦ୍ରବ୍ୟ ସେବନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ଜାଣି ମଧ ମନୁଷ୍ୟ ନିଶାଦ୍ରବ୍ୟ ସେବନ କରୁଛି । ମଦ୍ୟପାନ ଠାରୁ ଆରମ୍ଭ କରି ପାନ, ଗୁଟକା, ସିଗାରେଟ, ହିରୋଇନ, ଡ୍ରଗସ ସେବନ କରି ନିଜ ଜୀବନକୁ ରସାତଳଗାମୀ କରିଦେଉଛି ଏବଂ ତା ସହିତ ତାର ହସ ଖୁସି ପରିବାରକୁ ନଷ୍ଟ କରିଦେଉଛି । ସେଥିପାଇଁ ପରମଶାସ୍ତ୍ର ଭାଗବତରେ କୁହାଯାଇଛି–

'ଆପଣା ହସ୍ତେ ଜିହ୍ୱା ଛେଦି
କେ ଅଛି ତାର ପ୍ରତିବାଦୀ'

ଏହାର ଅର୍ଥ ମନୁଷ୍ୟ ନିଜେ ନିଜକୁ ଧ୍ୱଂସ କରୁଛି । ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା ଅତ୍ୟନ୍ତ ମରାତ୍ମକ ବ୍ୟାଧି ଯେପରି କ୍ୟାନସର, ଶ୍ୱାସ ରୋଗ, ହୃଦରୋଗ, କିଡ଼ନୀ ଜନିତ ଗମ୍ଭୀର ରୋଗ ଏହିପରି ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ମନୁଷ୍ୟ ଠାରେ ପରିଲକ୍ଷିତ ହେଉଛି । ଏବେ ନିକଟରେ ଓଡ଼ିଆ ସିନେଜଗତରେ ଜଣେ ଆଗଧାଡିର ଅଭିନେତା ସାତ୍ୟକି ମିଶ୍ର ସମଗ୍ର ଓଡିଶା ବାସୀଙ୍କୁ ନିଜର ଭିଡିଓ ସନ୍ଦେଶ ମାଧ୍ୟମରେ ନିଶାଦ୍ରବ୍ୟ ସେବନ ନ କରିବା ପାଇଁ ସମସ୍ତଙ୍କୁ ନିବେଦନ କରିଛନ୍ତି । ସେ ନିଜେ ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା କିପରି ଏକ ବର୍ଷ ଧରି ଜୀବନ ମୃତ୍ୟୁ ସହିତ ସଂଗ୍ରାମ କରି କଷ୍ଟ ପାଇଛନ୍ତି ତାହା ଉପସ୍ଥାପନା କରିଛନ୍ତି । ଆମ ସମାଜରେ ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଅର୍ଥ ଏବଂ ଧନସମ୍ପତ୍ତିକୁ ନିଜର ସର୍ବସ୍ୱ ମନେକରନ୍ତି । ସ୍ନେହ, ପ୍ରେମ, ଆନ୍ତରିକତା, ମାନବିକତା, ଦୟା, କ୍ଷମା, ଆଦର୍ଶ, ନିଷ୍ଠା, ନୈତିକ ମୂଲ୍ୟବୋଧ, ନିସ୍ୱାର୍ଥପରତା, ତ୍ୟାଗ ସେମାନଙ୍କ ପାଇଁ ମୂଲ୍ୟହୀନ । ନିଜର ଏବଂ ନିଜ ପରିବାର ବ୍ୟତୀତ ଅନ୍ୟ କଥା ଭାବିବା ପାଇଁ ତାଙ୍କ ପାଖରେ ସମୟ ନଥାଏ । ସେମାନେ ସଦାସର୍ବଦା ନିଜର ସ୍ୱାର୍ଥ ପାଇଁ ଅନ୍ୟମାନଙ୍କ ସହିତ ବନ୍ଧୁତା ସ୍ଥାପନ କରିଥାନ୍ତି । ଆପେ ବଞ୍ଚିଲେ ବାପର ନାଁ ନୀତିରେ ସେମାନେ ସଦାସର୍ବଦା କାର୍ଯ୍ୟ କରନ୍ତି ।

ଏକବିଂଶ ଶତାବ୍ଦୀର ସ୍ୱାର୍ଥବାଦୀ ମନୁଷ୍ୟ ଅହଂକାରରେ ବଶବର୍ତ୍ତୀ ହୋଇ ଅର୍ଥ ଏବଂ ପ୍ରାଚୁର୍ଯ୍ୟ ବଳରେ ଅନ୍ଧ ହୋଇ ନିଜକୁ ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ ମନେକରୁଛି । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କଳିଯୁଗ ମନୁଷ୍ୟର ଔଦ୍ଧତ୍ୟ ଏବେ ଚରମସୀମାରେ । ଈଶ୍ୱରଙ୍କ ସୁନ୍ଦର ସୃଷ୍ଟି ପ୍ରକୃତିକୁ ଧ୍ୱଂସ କରିବାରେ ସେ ବ୍ୟଗ୍ର । ଅନେକ ଜଙ୍ଗଲ, ଗଛଲତାକୁ ମନୁଷ୍ୟ ନିଜର ସ୍ୱାର୍ଥ ପାଇଁ ଧ୍ୱଂସ କରିଦେଉଛି । ଏହାଛଡା ନିରୀହ ପଶୁ, ପକ୍ଷୀଙ୍କ ଉପରେ ସ୍ୱାର୍ଥବାଦୀ ମନୁଷ୍ୟ ନିଷ୍ଠୁରତା, ବର୍ବରତା ଆଚରଣ କରୁଛି । କେତେବେଳେ ସେମାନଙ୍କ ଉପରେ ଏସିଡ, ଗରମ ପାଣି ପକାଇଦଉଚି, ସେମାନଙ୍କ ଖାଉ ଥିବା ଖାଦ୍ୟରେ ବିଷ ମିଶାଇଦଉଚି ତ ଆଉ କେତେବେଳେ ସେମାନଙ୍କୁ ହତ୍ୟା କରି ସେମାନଙ୍କ ମାଂସ ଭକ୍ଷଣ କରୁଛି । ଝିଟିପିଟି ଯେପରି ରାତିସାରା ଅନେକ ପୋକ ଝିଣ୍ଟିକା ଖାଇ ପ୍ରାତଃ ସମୟରେ ମହାପୁରୁଷଙ୍କ ଫଟୋ ପଛପଟେ ଲୁଚି ଯାଏ ଏକ ବିଂଶ ଶତାବ୍ଦୀ ମନୁଷ୍ୟର ଚରିତ୍ର ଠିକ୍ ସେହିପରି । ଯଦି ପୁଲାପୁଲା ଟଙ୍କା ବାଟି ବାଟି ସମ୍ପତ୍ତି ବଳରେ ସବୁକିଛି ହୋଇପାରୁଥାନ୍ତା ତାହେଲେ ସବୁ ନେତା, ମନ୍ତ୍ରୀ, ଅଫିସର ଅମର ହୋଇଯାଇଥାନ୍ତେ । ସେଥିପାଇଁ ଆମ ଶାସ୍ତ୍ରରେ କୁହାଯାଇଛି

'ଦଇବ ଦଉଡି ମଣିଷ ଗାଈ
ଯେଣିକି ଟାଣଇ ତେଣିକି ଯାଇ'

ଆସନ୍ତୁ ଏଇ ନୂତନ ବର୍ଷକୁ ସ୍ୱାଗତ କରିବା ସହିତ ସଂକଳ୍ପ ନେବା ଆମ ରାଷ୍ଟ୍ର ତଥା ବିଶ୍ୱର କଲ୍ୟାଣ ପାଇଁ ଈଶ୍ୱରଙ୍କ ପାଖରେ ହାତଯୋଡ଼ି ପାର୍ଥନା କରିବା ଏବଂ ଅନ୍ୟ ପାଇଁ ବଞ୍ଚିବାର କଳା ଶିଖିବା, ନିଜ ମନ ଭିତରେ ଥିବା ଅହଂଭାବ ଓ ଆତ୍ମବଡ଼ିମା ପରିତ୍ୟାଗ କରିବା ।

# ଅଟଳ ଓ ଓଡ଼ିଶା


ରାଜସ୍ମିତା ବାରିକ୍
ନୀଳଗିରି, ବାଲେଶ୍ୱର

ଭାରତରନ୍ ପୂର୍ବତନ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ ତମ ଜନ୍ମ ବାର୍ଷିକୀ ଚଳିତ ବର୍ଷ ଆମେ ପାଳନ କରୁଛୁ । ୧୯୨୪ ମସିହା ଡିସେମ୍ବର ୨୫ ତାରିଖ ଦିନ ମଧ୍ୟପ୍ରଦେଶର ଗ୍ୱାଲିୟର ଠାରେ ଜନ୍ମିତ ଅଟଳ ତାଙ୍କ କବିତାର ପଂକ୍ତି, ବାଗ୍ମୀତା, ଧୂରୀଣ ରାଜନୀତି ତଥା ବିକଶିତ ଭାରତର ଭିତ୍ତିଭୂମି ସ୍ଥାପନ ଦିଗରେ କରିଥିବା ଉଦ୍ୟମ ନିମନ୍ତେ ଆଜିବି ପ୍ରତିଟି ଭାରତୀୟଙ୍କ ପାଇଁ ଆଦର୍ଶ ପୁରୁଷ ଭାବେ ପରିଚିତ।

ବିଶ୍ୱର ଅଦ୍ୱିତୀୟ ନେତା ଭାବେ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଭାବ ଯୁଗ ଯୁଗ ଧରି ଅକ୍ଷୁର୍ଣ୍ଣ ରହିବ । ମେଣ୍ଟ ସରକାରକୁ ପରିଚାଳନା ହେଉ ଅବା ଜାତିସଂଘରେ ହିନ୍ଦୀରେ ଭାଷଣ ଦେବା, ସର୍ବ ଶିକ୍ଷା ଅଭିଯାନ ଦ୍ୱାରା ଦେଶର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢଠୁ ନେଇ ମିଶନ ଶକ୍ତିକୁ ନୂତନ ଦିଗ୍‌ଦର୍ଶନ ଦ୍ୱାରା ମହିଳା ସଶକ୍ତିକରଣ, ସ୍ୱର୍ଣ୍ଣ ଚତୁର୍ଭୁଜଠୁ ସୀମା ସୁରକ୍ଷା, ପୋଖରାନରେ ପରମାଣୁ ପରୀକ୍ଷଣଠୁ ଲାହୋର ବସ୍ ଯାତ୍ରା ଯାଏଁ ଅନେକ କିଛି ଜୀବନ୍ତ ମାର୍ଗ ଦର୍ଶନ ସେ ଆମ ଆଗରେ ଛାଡ଼ି ଦେଇଛନ୍ତି ।

ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଆମ ରାଜ୍ୟ ଓଡ଼ିଶା ସହ ତାଙ୍କର ସମ୍ପର୍କ ବେଶ୍ ନିବିଡ଼ ଥିଲା । ୧୯୯୯ ମସିହାରେ ଘଟିଥିବା ମହାବାତ୍ୟା ଯୋଗୁଁ ସମଗ୍ର ରାଜ୍ୟରେ ହାହାକାର ପଡିଥିବା ବେଳେ, ଖୋଦ୍ ପ୍ରଧାନମନ୍ତ୍ରୀ ବାଜପେୟୀ ବାତ୍ୟା ବିଭୀଷିକା ଭୋଗିଥିବା ଅଞ୍ଚଳ ଗସ୍ତ କରି ଲୋକଙ୍କ ସହ ଭେଟି କ୍ଷୟକ୍ଷତିର ଆକଳନ ପୂର୍ବକ ୨୫୦କୋଟି ଟଙ୍କାର ସହାୟତା ପ୍ରଦାନ କରିବା ସହ ଓଡ଼ିଶାର ପୁନଃ ନିର୍ମାଣ ପାଇଁ ତାଙ୍କ ସରକାରଙ୍କ ପକ୍ଷରୁ ଅର୍ଥର କୌଣସି ଅଭାବ ରହିବ ନାହିଁ ବୋଲି ମତ ଦେଇଥିଲେ, ଯାହାକି ପରବର୍ତ୍ତୀ ସମୟରେ ମଧ ପ୍ରତିଫଳିତ ହୋଇଥିଲା ।

ଜନତା ପାର୍ଟି ସମୟରୁ ଅଟଳଙ୍କ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସହ ବେଶ୍ ଘନିଷ୍ଠ ସମ୍ପର୍କ ଥିଲା । ତେଣୁ ବିଜୁଙ୍କ ଦେହାନ୍ତ ପରେ ତାଙ୍କ ନାମରେ ବିଜୁ ଜନତା ଦଳ ଗଠନର ପ୍ରସ୍ତାବ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରମୋଦ ମହାଜନଙ୍କ ଦ୍ୱାରା ଆର୍ଥିକ ସହାୟତା ପ୍ରଦାନ କରି ଦଳ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଏଥି ସହିତ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଉଭୟ ଅଟଳ ବିହାରୀ ବାଜପେୟୀ ଏବଂ ଲାଲକୃଷ୍ଣ ଆଡ଼ଭାନୀ ଭିନ୍ନ ଭିନ୍ନ ସମୟରେ ମତ ଦେବା ସହ ସହଯୋଗ କରିଥିଲେ । ଏହା ପୂର୍ବରୁ ବିଜୁ ବାବୁଙ୍କ ନିଧନ ପରେ ଆସ୍କା ସଂସଦୀୟ କ୍ଷେତ୍ରରୁ ଜିତି ଥିବା ନବୀନ ପଟ୍ଟନାୟକଙ୍କୁ ବାଜପେୟୀ ତାଙ୍କ କ୍ୟାବିନେଟରେ ଖଣି ମନ୍ତ୍ରୀ ରୂପେ ଦାୟିତ୍ୱ ଦେଇଥିଲେ । ସେହିପରି ପ୍ରଥମ ଥର ପାଇଁ ଜନଜାତି ବର୍ଗର ଉନ୍ନତି ଲକ୍ଷ୍ୟ ନେଇ ଜନଜାତି ବ୍ୟାପାର ମନ୍ତ୍ରାଳୟ ଗଠନ କରି ଜୁଏଲ୍ ଓରାମଙ୍କୁ ମନ୍ତ୍ରୀ କରିଥିଲେ ଅଟଳ । ଅନ୍ୟମାନଙ୍କ ମଧ୍ୟରେ ଦେବେନ୍ଦ୍ର ପ୍ରଧାନ, ଦିଲ୍ଲୀପ ରାୟ, ଅର୍ଜୁନ ସେଠୀ ଓ ବ୍ରଜ କିଶୋର ତ୍ରିପାଠୀଙ୍କୁ ତାଙ୍କ ମନ୍ତ୍ରୀ ମଣ୍ଡଳରେ ସାମିଲ କରି ଓଡ଼ିଶାକୁ ଦିଲ୍ଲୀ ରାଜନୀତିରେ ଗୁରୁତ୍ୱ ଦେଇଥିଲେ।

୨୫ମଇ ୨୦୦୦ ମସିହାରେ ପାରାଦ୍ୱୀପ ଠାରେ ଥିବା ତୈଳ ବିଶୋଧନାଗାର ପ୍ରତିଷ୍ଠା ନିମନ୍ତେ ଅଟଳ ବିହାରୀ ବାଜପେୟୀ ଶୁଭାରମ୍ଭ କରିଥିବା ବେଳେ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ ନିମନ୍ତେ ବିଶ୍ୱ ସ୍ତରୀୟ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନକୁ ୧୫ଜୁଲାଇ ୨୦୦୨ ମସିହାରେ ଭୁବନେଶ୍ୱର ସ୍ଥିତ ସିଜୁଆ ଠାରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନା ଅଧିନସ୍ଥ ଦେଶର ଚାରୋଟି ମହାନଗର ଯୋଡ଼ିବା ଯୋଗୁଁ ଓଡ଼ିଶାର ପ୍ରଗତି ଆହୁରି ତୀବ୍ରତର ହୋଇଥିଲା । ସେହିପରି ପୂର୍ବତଟ ରେଳବାଇ ପ୍ରତିଷ୍ଠା ଦିଗରେ ତାଙ୍କର ଭୂମିକା ଅବିସ୍ମରଣୀୟ ହୋଇ ରହିବ । ବାଜପେୟୀ ଅନେକ ସମୟରେ ପୁରୀ ଗସ୍ତରେ ଆସି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ସହ ଅବଢ଼ା ମହାପ୍ରସାଦ ସେବନ କରିଛନ୍ତି । ଯାହାକି ତାଙ୍କର ଜଗନ୍ନାଥଙ୍କ ପ୍ରତି ପ୍ରଗାଢ ଭକ୍ତିର ଜ୍ୱଳନ୍ତ ଉଦାହରଣ । ଏକଦା ସମ୍ପୂର୍ଣ୍ଣ ପ୍ରୋଟୋକଲ ଭାଙ୍ଗି ରାସ୍ତାରେ ଓହ୍ଲେଇ ବଡଦାଣ୍ଡରେ ଚାଲି ଚାଲି ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ । ଯାହାକି ଉପସ୍ଥିତ ଲୋକଙ୍କୁ ବେଶ୍ ଆକୃଷ୍ଟ କରିଥିଲା । ସେହିପରି କୋଣାର୍କ ଗସ୍ତ ସମୟରେ ସୂର୍ଯ୍ୟ ମନ୍ଦିରର ଦର୍ଶନ କରିବା ସହ ଚନ୍ଦ୍ରଭାଗା କୂଳରେ ଧ୍ୟାନ କରିବା ତାଙ୍କର ଓଡ଼ିଶା ମାଟି ପ୍ରତି ଭଲ ପାଇବାର ଅନନ୍ୟ ନିଦର୍ଶନ ଥିଲା । ଅଟଳ ବିହାରୀ ବାଜପେୟୀ ଆଜି ଆମ ଗହଣରେ ନାହାନ୍ତି ସତ କିନ୍ତୁ ତାଙ୍କର ଆତ୍ମା ଓ ନେତୃତ୍ୱ ନିର୍ମାଣ ସର୍ବୋପରି ଭାରତ ମାତାର ସେବା ପାଇଁ ନିଜର ସମ୍ପୂର୍ଣ୍ଣ ଜୀବନକୁ ଉତ୍ସର୍ଗ କରିଥିବା ପ୍ରତିଟି ପିଢ଼ି ପାଇଁ ସର୍ବଦା ପ୍ରେରଣା ଯୋଗାଇବ ।

# ଜଳବାୟୁ ଚ୍ୟାଲେଞ୍ଜ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଏଥିରେ ଦ୍ୱିରୁକ୍ତି ନାହିଁ ଯେ, ଭାରତରେ ଜଳବାୟୁ ସଂକଟର ଧମକ ଆଉ ବେଶି ଦୂର ନୁହେଁ। ଚରମ ଜଳବାୟୁ ଘଟଣାବଳୀରେ ଭାରତରେ କେବଳ ୨୦୨୪ରେ ବର୍ତ୍ତମାନ ସୁଦ୍ଧା ୩୨୦୦ରୁ ଅଧିକ ଜୀବନ ଗଲାଣି। ନିୟୁତ ନିୟୁତ ହେକ୍ଟର ଚାଷଜମିରେ ଫସଲ କ୍ଷତିଗ୍ରସ୍ତ ହୋଇଥିବାବେଳେ ଅଗଣିତ ବାସଗୃହ ନଷ୍ଟଭ୍ରଷ୍ଟ ହୋଇଛି। ଲକ୍ଷ ଲକ୍ଷ ସଂଖ୍ୟାରେ ଗୃହପାଳିତ ପଶୁଙ୍କର ଜୀବନ ଯାଇଛି। ଜଳବାୟୁ ପରିବର୍ତ୍ତନରେ ଭାରତ କିପରି ପ୍ରାକୃତିକ ତାଣ୍ଡବର ସମ୍ମୁଖୀନ ହୋଇଛି, ତାହାର ଦୁଃଖଦ ଚିତ୍ର ଚଳିତ ବର୍ଷ ଦେଖିବାକୁ ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷର ପ୍ରଥମ ୨୭୪ ଦିନରେ ଦେଶ ୨୫୫ଟି ଚରମ ଜଳବାୟୁ ବିଭିଷିକାର ସମ୍ମୁଖୀନ ହୋଇଛି। ଅସହ୍ୟ ଗ୍ରୀଷ୍ମ ପ୍ରବାହ, ଅତିବୃଷ୍ଟି, ଅନାବୃଷ୍ଟି, ବନ୍ୟା, ବାତ୍ୟା, ଭୂସ୍ଖଳନ ପରି ପ୍ରାକୃତିକ ବିପର୍ଯ୍ୟୟ ତଥା ଚରମ ଜଳବାୟୁ ସଂକଟର ତାଣ୍ଡବରେ ଜନସାଧାରଣ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଯାହାକି କେବଳ ଜୀବନ ନେଇ ନାହିଁ, କୋଟି କୋଟି ଟଙ୍କାର ସମ୍ପତ୍ତି କ୍ଷତି କରିଛି। କେରଳରେ ୱାୟନାଡାରେ ବର୍ଷାର ତାଣ୍ଡବ ସାଙ୍ଗକୁ ଭୂସ୍ଖଳନ ସ୍ଥାନୀୟ ବାସିନ୍ଦାଙ୍କ ମେରୁଦଣ୍ଡ କେବଳ ଭାଙ୍ଗି ଦେଇନାହିଁ, ୪୦୦ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ନେଇଥିବା ବେସରକାରୀ ରିପୋର୍ଟରେ କୁହାଯାଇଛି। ସେଥିମଧ୍ୟରୁ ବହୁ ଏବେ ବି ନିଖୋଜ ଅଛନ୍ତି। ଏହା ନିସନ୍ଦେହ ଯେ, ଜଳବାୟୁ ପରିବର୍ତ୍ତନ ବା ଚରମ ଜଳବାୟୁ ତାଣ୍ଡବର ପ୍ରଭାବ କେବଳ ଗରିବ, ଅସହାୟ, ସ୍ୱଳ୍ପ ଆୟକାରୀ ବିଶେଷ କରି ଗ୍ରାମାଞ୍ଚଳ ଲୋକଙ୍କ ଜୀବନକୁ ଦୁର୍ବିସହ କରିଦେଇଛି। ଯାହାର କ୍ଷତି ଭରଣା ସେମାନଙ୍କ ପାଇଁ କଷ୍ଟକର ହୋଇପଡିଛି। ସେମାନେ ଗରିବରୁ ଆହୁରି ଗରିବ ହୋଇଯାଉଛନ୍ତି। ବାସଗୃହ ଭାଙ୍ଗିବା ଓ ଫସଲ କ୍ଷତିଗ୍ରସ୍ତ ହେବା ଯୋଗୁଁ ସେମାନେ କେବଳ ବାସହରା ହେଉନାହାଁନ୍ତି, ଭୋକିଲା ରହିବାକୁ ବାଧ୍ୟ ହେଉଛନ୍ତି। ବୋଧହୁଏ ଏଇଥିପାଇଁ ଭାରତ ଭୋକିଲା ରାଷ୍ଟ୍ରଙ୍କ ତାଲିକାରେ ବିଶ୍ୱରେ ୧୦୫ତମ ସ୍ଥାନରେ ରହିଛି। କହିବା ବାହୁଲ୍ୟ ଯେ, ପ୍ରକୃତି ଉପରେ ମଣିଷର ଅତ୍ୟାଚାର ଯେତିକି ଯେତିକି ବଢିଚାଲିଛି, ପ୍ରକୃତିର କୋପ ସେତିକି ସେତିକି ଉଗ୍ର ହେଉଛି। ଯାହାର ପରିଣାମ ହେଉଛି ଚରମ ଜଳବାୟୁ ସଂକଟ, ହିମାଳୟ ପାଦ ଦେଶଠାରୁ ଆରମ୍ଭ କରି ପଶ୍ଚିମଘାଟ ପାର୍ବତ୍ୟାଞ୍ଚଳ ପର୍ଯ୍ୟନ୍ତ ଅଞ୍ଚଳରେ ବ୍ୟାପକ ଖଣିଖନନ, ନିର୍ମାଣ, ଆଖିବୁଜା ଗଛକଟା କେବଳ ଜୈବ ବିବିଧତା ନଷ୍ଟ କରୁନାହିଁ, ପ୍ରଳୟଙ୍କାରୀ ବନ୍ୟା ଓ ଭୂସ୍ଖଳନର କାରଣ ହୋଇଛି। ଗତ କିଛି ବର୍ଷ ହେଲା ଉତ୍ତରାଖଣ୍ଡ, ହିମାଚଳ ପ୍ରକଳୟଙ୍କାରୀ ବନ୍ୟାର ବିଭିଷିକାରେ ସମ୍ମୁଖୀନ ହୋଇଥିବାବେଳେ ଭୂସ୍ଖଳନର ତାଣ୍ଡବରେ ପେଷି ହୋଇଯାଉଛି। ସେହିପରି ଜାତୀୟ ରାଜଧାନୀ ଦିଲ୍ଲୀ ପରି ସହରାଞ୍ଚଳରେ ପ୍ରାକୃତିକ ନାଳ, ହ୍ରଦ, ପୋଖରୀ, ଡ୍ରେନ ଆଦି ପୋତି ତା ଉପରେ ବଡ ବଡ ନିର୍ମାଣ ଚାଲିଛି। ଯାହାର ପରିଣତ ସ୍ୱରୁପ ସହରରେ ବନ୍ୟା, ଅସହ୍ୟ ତାପମାତ୍ରା ଜନଜୀବନ ପାଇଁ କେବଳ ଅସ୍ୱାସ୍ଥ୍ୟକାକର ହୋଇନାହିଁ, କ୍ଷତିକାରକ ସାବ୍ୟସ୍ତ ହୋଇଛି। କେବଳ ଜାତୀୟ ରାଜଧାନୀ ଦିଲ୍ଲୀ ନୁହେଁ, ମୁମ୍ବାଇ, ଚେନ୍ନାଇ, ବାଙ୍ଗାଲୋର, ଭୁବନେଶ୍ୱର ଆଦି ବଡବଡ ସହରରେ ସହରୀବନ୍ୟା ବର୍ଷା ଋତୁରେ ଏକ ନିୟମିତ ଘଟଣାରେ ପରିଣତ ହୋଇଗଲାଣି। ଉପଯୁକ୍ତ ପ୍ଲାନିଂର ଅଭାବ ଏବଂ ଜଳବାୟୁ ପରିବର୍ତ୍ତନର ଚରମ ପ୍ରଭାବ ପ୍ରାକୃତିକ ବିପର୍ଯ୍ୟାକୁ ମଣିଷକୃତ ବିପର୍ଯ୍ୟାୟରେ ପରିଣତ କରିଛି ବୋଲି କହିଲେ ଭୁଲ ହୋଇନପାରେ। ଏହା ନିସନ୍ଦେହ ଯେ, ଜଳବାୟୁ ପରିବର୍ତ୍ତନର ସଂକଟ ଏବେ ଦେଶର ଅର୍ଥନୀତି ତଥା ଅଭିବୃଦ୍ଧିକୁ ପ୍ରଭାବିତ କରିଛି। ବ୍ୟାପକ ଶସ୍ୟ ହାନୀ ଯୋଗୁଁ ଦରଦାମର ବୃଦ୍ଧିର କାରଣ ହୋଇଛି। ଚରମ ଜଳବାୟୁ ଧମକକୁ ଏଡାଇବା ଲାଗି ସୁଚିନ୍ତିତ ନୀତି ନିର୍ଦ୍ଧାରଣ ସହ ଏଥିଲାଗି କଠୋର ଆଇନଗତ ବ୍ୟବସ୍ଥାର ଆବଶ୍ୟକତା ରହିଛି ଜଳବାୟୁ ପରିବର୍ତ୍ତନ ଏବେ ଏବେ ମାନବ ସମାଜ ପାଇଁ ଏକ ଚ୍ୟାଲେଞ୍ଜ ସଦୃଶ ଉଭା ହୋଇଛି। ଏବେ ଜନଜୀବନକୁ ସୁରକ୍ଷିତ ରଖିବାର ସମୟ ଉପନୀତ ହୋଇଛି। ଆମର ପ୍ରାକୃତିକ ଜୈବ ବିବିଧତାକୁ ସୁରକ୍ଷିତ ରଖିବା ଜରୁରୀ ହୋଇପଡିଛି। ଅନ୍ୟଥା ଚରମ ଜଳବାୟୁ ସଂକଟରେ ମାନବ ସମାଜ କେବଳ ଧ୍ୱଂସର ସମ୍ମୁଖୀନ ହେବା ସାର ହେବ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**





# ସାଂସଦଙ୍କ ହସ୍ତକ୍ଷେପ ପରେ ଦୂର ହେବ ଜିଲ୍ଲାର ବିଦ୍ୟୁତ୍ ସମସ୍ୟା

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲାରେ ବାରମ୍ବାର ବିଦ୍ୟୁତ୍ କାଟ୍ ଅଭିଯୋଗ ହେବାପରେ କେନ୍ଦୁଝରର ସାଂସଦ ଅନନ୍ତ ନାୟକ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଭେଟି ଜିଲ୍ଲାରେ ଥିବା ବିଦ୍ୟୁତ୍ ସମାସ୍ୟା ଉପରେ ଆଲୋଚନା କରିବା ସହ ଲିଖିତ ଭାବେ ଜଣାଇଥିଲେ । ସାଂସଦଙ୍କ ଚିଠି ପରେ ଉପମୁଖ୍ୟମନ୍ତ୍ରୀ ତାଙ୍କ ଚିଠି ମାଧ୍ୟମରେ ଲେଖିଛନ୍ତି ଜିଲ୍ଲାରେ ଚାଲିଥିବା ବିଭିନ୍ନ ବିଦ୍ୟୁତ୍ ପ୍ରକଳ୍ପର



କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସମସ୍ତେ କରାଯିବ । ଯାହାଦ୍ୱାରା ଜିଲ୍ଲାର ବିଦ୍ୟୁତ୍ ଉପଭୋକ୍ତା ନିରବଚ୍ଛିନ୍ନ ସେବା ପାଇପାରିବେ ବୋଲି ଜଣାଇଛନ୍ତି । କେନ୍ଦୁଝର ଜିଲ୍ଲାର ତୁରମୁଙ୍ଗା ସବ୍‌ଷ୍ଟେସନ୍ ମାର୍ଚ୍ଚ ୨୦୨୫ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ସମାପ୍ତ କରିବା ସହିତ ତୁରମୁଙ୍ଗାରୁ ଢେଙ୍କିକୋଟ୍ ୧୩୨ କେଭି ଲାଇନ୍ ସେପ୍ଟେମ୍ବର ୨୦୨୫,୨୨୦ କେଭି ଲାଇନ୍ ଟିଟିପିସି ଯୋଡ଼ାରୁ ରାଙ୍କି ସବ୍‌ଷ୍ଟେସନ୍ ଡିସେମ୍ବର ୨୦୨୫ ମଧ୍ୟରେ, ଦ୍ୱିତୀୟ ସର୍କିଟ୍ ଲାଇନ୍ ବିତରଣ ଭଦ୍ରକ ସବ୍‌ଷ୍ଟେସନ୍‌ରୁ ଆଗରପଡା ପର୍ଯ୍ୟନ୍ତ ସେପ୍ଟେମ୍ବର ୨୦୨୫ ମଧ୍ୟରେ କାର୍ଯ୍ୟ ସମାପ୍ତ କରିବା ସହିତ ତେଲକୋଇ ସବ୍‌ଷ୍ଟେସନ୍ ୨୨୦/୩୩ କେଭି ଲାଇନ୍‌ର ତୁରନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ଫଳରେ କେନ୍ଦୁଝର ଜିଲ୍ଲାରେ ଉପଭୋକ୍ତା ମାନେ ଉନ୍ନତମାନର ବିଦ୍ୟୁତ୍ ସେବା ପାଇପାରିବେ ବୋଲି ସଂସଦଙ୍କୁ ଚିଠି ମାଧ୍ୟମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଜଣାଇଛନ୍ତି ।

# ମା' ମାଟିର ମୁକ୍ତି ପାଇଁ ଜମିଦାର ମାଧୋ ସିଂହଙ୍କ ସଂଘର୍ଷ ଦେଶରେ ବିରଳ



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ମା' ମାଟିକୁ ମୁକ୍ତ କରିବା ପାଇଁ ଅକଥନୀୟ ଯନ୍ତ୍ରଣା ଭୋଗ କରି ଜୀବନ ବ୍ୟାପୀ ସଂଘର୍ଷ କରିଥିବା ବରଗଡ ଜିଲ୍ଲା ଘେଁସର ଜମିଦାର ମାଧୋ ସିଂହ ଓ ତାଙ୍କ ପରିବାରର ଇତିହାସ ସମଗ୍ର ଭାରତ ବର୍ଷରେ ବିରଳ ଅଟେ । ତେଣୁ ଘେଁସ ବିରଳ ଇତିହାସର ସଂରକ୍ଷଣ ଆବଶ୍ୟକ ରହିଛି ବୋଲି ଘେଁସ ଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ବୀରତା ଦିବସରେ ମତ ପ୍ରକାଶ ପାଇଛି । ଶହୀଦ ସ୍ମୃତିସ୍ତମ୍ଭ ଓ ଜମିଦାରଙ୍କ ପୂଜା ପୀଠରେ ପୂଜାର୍ଚ୍ଚନା ପରେ ବୀରତା ଦିବସର ସ୍ମୃତି ସଭା ଆରମ୍ଭ ହୋଇଥିଲା । ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ସ୍ମୃତି ସଭା ବରଗଡ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ପୌରୋହିତ୍ୟରେ ଘେଁସ ରାଜବାଟି ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା । ଏହାକୁ ବିଶିଷ୍ଟ ସାହିତ୍ୟିକ ତଥା ଅଧ୍ୟାପକ ସୁଶାନ୍ତ ମିଶ୍ର ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବରେ ବରଗଡ ସାଂସଦ ପ୍ରଦୀପ ପୁରୋହିତ, ବିଶିଷ୍ଟ ଅତିଥି ଭଟଲି ବିଧାୟକ ଇରାଶିସ ଆଚାର୍ଯ୍ୟ ଯୋଗଦାନ କରି ଏହି ବିରଳ ଇତିହାସକୁ ଲୋକାଭିମୁଖୀ କରିବା ପାଇଁ ବ୍ୟାପକ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ପଦ୍ମଶ୍ରୀ ଡ. ହଳଧର ନାଗ ପ୍ରାରମ୍ଭିକ କବିତା ମାଧ୍ୟମରେ ସ୍ମୃତିଚାରଣ କରିଥିଲେ । ମୁଖ୍ୟବକ୍ତା ଭାବରେ ପୂର୍ବତନ ପ୍ରାଧ୍ୟାପକ ଡ଼. ଭକ୍ତପୂରଣ ସାହୁ ଘେଁସ ସଂଗ୍ରାମୀଙ୍କ ଅନାଲୋଚିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ପଦ୍ମପୁର ଏଡିଏମ୍ କୁନାଲ୍ ମୋତିରାମ ଚୌହାନ, ପୂର୍ବତନ ସାଂସଦ ଡ. ପ୍ରଭାସ ସିଂ, ପୂର୍ବତନ ବିଧାୟକ ମହମ୍ମଦ ରଫିକ, ଘେଁସ ଜମିଦାରଙ୍କ ଦାୟଦ ରଣଜିତ ସିଂ ବରିହା, ଲୋକେଶ୍ୱର ସିଂ ବରିହା, ଶହୀଦ କୁଞ୍ଜେଲ ସିଂହ କ୍ଲବର ବରିଷ୍ଠ ସଦସ୍ୟ ଡୋଲାମଣି ପଟେଲ ପ୍ରମୁଖ ଯୋଗଦାନ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଶହୀଦ କୁଞ୍ଜେଲ ସିଂହ କ୍ଲବର ସମ୍ପାଦକ ସୁଦାମା ବାରିକ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ଶେଷରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖସଲା ଧନ୍ୟବାଦ ଦେଇଥିଲେ । ଜିଲ୍ଲା ପ୍ରଶାସନ, ଶହୀଦ କୁଞ୍ଜେଲ ସିଂହ କ୍ଲବର ସଦସ୍ୟ, ଘେଁସ ଗ୍ରାମବାସୀ ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଯାଜପୁର ଜିଲ୍ଲାରେ ସଡ଼କ ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ



**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜାନୁୟାରୀ ୧ ତାରିଖରୁ ୧ ମାସ ଧରି ସଡ଼କ ସୁରକ୍ଷା ମାସ ପାଳନ କରାଯାଉଛି । ଏହି ଉପଲକ୍ଷେ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ସଡ଼କ ସୁରକ୍ଷା ପରିବାର ରକ୍ଷା ସମ୍ପର୍କିତ ଏକ ସଚେତନତା ରଥକୁ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଜିଲ୍ଲାବାସୀଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇ ଜନସାଧାରଣ ସଚେତନ ହୋଇ ଗାଡ଼ି ଚଳାଇବାକୁ ପରାମର୍ଶ ଦେଇଥିଲେ । ସଚେତନ ହୋଇ ଗାଡ଼ି ଚାଳନା କରି ନିଜେ ସୁରକ୍ଷିତ ରହି ପରିବାରକୁ ସୁରକ୍ଷିତ ରଖିବାକୁ କହିଥିଲେ । ମଦ୍ୟପାନ କରି ରାସ୍ତାରେ ଗାଡି ନଚଳାଇବା, ଦୁଇ ଚକିଆ ଯାନ ଚଳାଇବା ବେଳେ ହେଲ୍‌ମେଟ୍ ପରିଧାନ କରିବା, ଚାରିଚକିଆ ଯାନରେ ସିଟ୍ ବେଲ୍‌ଟ୍ ପିନ୍ଧିବା, ଟ୍ରାଫିକ୍ ନିୟମ ମାନିବା, ବାମ ପାଖରେ ଓଭର୍‌ଟେକ୍ ନକରିବା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯିବ । ଏହି ସଚେତନତା ରଥ ଜିଲ୍ଲାର ପର୍ଯ୍ୟଟନ ସ୍ଥଳ ଏବଂ ପ୍ରମୁଖ ଅଞ୍ଚଳରେ ବୁଲି ଜନ ସଚେତନତା ସୃଷ୍ଟି କରିବ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଯାଜପୁର ଆଞ୍ଚଳିକ ପରିବହନ ଅଧିକାରୀ ନୀଳକଣ୍ଠ ପ୍ରଧାନ କହିଲେ ବିନା ହେଲ୍‌ମେଟ୍‌ରେ ଟାଙ୍କିରେ ପେଟ୍ରୋଲ୍ ଯୋଗାଣ ନକରିବାକୁ ଜିଲ୍ଲାର ସମସ୍ତ ପେଟ୍ରୋଲ ଟାଙ୍କି ମାଲିକଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ମୋଟର ଯାନ ନିରୀକ୍ଷକ ଦୀପକ କୁମାର ସେଠୀ, ଜୁନିଅର ଏସ.ଭି.ଆଇ ପ୍ରଦୀପ୍ତ କିଶୋର ବେହେରା, ରାଜେଶ ମଙ୍ଗରାଜ, ସୌମ୍ୟରଞ୍ଜନ ପତି, ଏସ୍.ପି.ଓ ଅଶୋକ ବଳ ପ୍ରମୁଖ ଉପସ୍ଥିତ ଥିଲେ । ସ୍କାଉଟ୍ ଓ ଗାଇଡ୍ ଛାତ୍ରଛାତ୍ରୀ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ଭାଗ ନେଇଥିଲେ । ଅନ୍ୱେଷଣ ଥିଏଟର ଗ୍ରୁପ ଓ ସୁରକ୍ଷା ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନର କଳାକାରମାନେ ଏହି ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# ଶିଶୁ ସଦନରେ ନୂଆବର୍ଷ ଉତ୍ସବ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ସ୍ୱେଚ୍ଛାସେବୀ ଅନୁଷ୍ଠାନ ହିନ୍ଦ୍ ସେବକ ସଂଘର ଚୌଦ୍ୱାର କେନ୍ଦ୍ରସ୍ଥିତ ଶିଶୁ ସଦନରେ ଇଂରାଜୀ ନବବର୍ଷ ଉତ୍ସବ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ପ୍ରଫେସର ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଅତିଥି ଭାବେ ଯୋଗଦେଇ ଅସହାୟ ଶିଶୁ ମାନଙ୍କର ଉପଯୁକ୍ତ ଯତ୍ନନେଇ ସେମାନଙ୍କ ମୁହଁରେ ଟିକେ ହସ ଫୁଟାଇବା ପାଇଁ ସମସ୍ତେ ନିଷ୍ଠାର ସହ ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ । ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘର ସହଯୋଗୀ ସଦସ୍ୟ ଡଃ. ସତ୍ୟ ରାୟ, ରାଜକିଶୋର ଦାଶ, ଡଃ ଶୈଳାଜାନନ୍ଦିନୀ ଜେନା, କେଦାରନାଥ ଜାଲି, ସଖାର ସମ୍ପାଦିକା କବିତା ମହାପାତ୍ର, କବିତା ପ୍ରଧାନ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ । ସଖା ଓ ଜେ.ପି. ପାର୍କ ଯୋଗକେନ୍ଦ୍ର ତରଫରୁ ପିଲାମାନଙ୍କୁ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

# ବାଲିଗୁଡ଼ା ଆଇଟିଡିଏରେ ନୂତନ ପ୍ରକଳ୍ପ ପ୍ରଶାସକଙ୍କ ଯୋଗଦାନ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ନୂଆ ପ୍ରକଳ୍ପ ପ୍ରଶାସକ ଭାବେ ଗଦାଧର ପାତ୍ର ନୂତନ ବର୍ଷ ବୁଧବାରରେ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ସେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗର ନିର୍ଦ୍ଦେଶ ପ୍ରକାରେ ଏହି ନିଯୁକ୍ତି ପାଇଛନ୍ତି । ପ୍ରକାଶ ଯେ, ଗଦାଧର ପାତ୍ର ଏହା ପୂର୍ବରୁ ଉକ୍ତ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡି ବ୍ଲକରେ ୨୦୨୧ ନଭେମ୍ବର ୨ରେ ବିଡିଓ ଭାବେ କାର୍ଯ୍ୟରେ ଯୋଗଦେଇଥିବା ବେଳେ ଚଳିତ ବର୍ଷ ଅକ୍ଟୋବର ୨୫ରେ ସେ ସେଠାରୁ ବଦଳି ହୋଇ ନିଜ ବିଭାଗକୁ ଫେରିଥିଲେ । ଦାରିଙ୍ଗବାଡ଼ି ବ୍ଲକରେ ବିଡିଓ ଭାବେ ୩ ବର୍ଷ କାର୍ଯ୍ୟକାଳ ମଧ୍ୟରେ ସେ ୨୦୨୩/୨୦୨୪



ଜାନୁଆରୀରେ ଶୀତ ମହୋତ୍ସବ କରି ଚର୍ଚ୍ଚାରେ ରହିଥିଲେ । ସେହିପରି ଦାରିଙ୍ଗବାଡି ବ୍ଲକ ଦୁର୍ଗମ ଅଞ୍ଚଳରେ ସ୍ମାର୍ଟ ସ୍କୁଲ୍‌ର ରୂପାନ୍ତର କାର୍ଯ୍ୟକୁ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବା ସହ ହାତୀମୁଣ୍ଡା ପଞ୍ଚାୟତ ରକ୍ଷିମାଳ ପାହାଡ଼ ଚଢ଼ି ସେଠାରେ ପହଞ୍ଚିବା ସହ ତୀର୍ଥକ୍ଷେତ୍ର ରୁଦ୍ଧିମାଳର ବିକାଶ ପାଇଁ ୭୮ ଲକ୍ଷ ଅନୁଦାନରେ କାର୍ଯ୍ୟ କରାଇବା, ଡୁଲୁରୀ ପାଇନବଣ ସମେତ ହିଲଭିୟୁ ପାର୍କ, ପାଟାବାନ୍ଧା ଜଳପ୍ରପାତର ରୂପାନ୍ତର କାର୍ଯ୍ୟ କରେଇବା ଦିଗରେ ସେ ଅନେକ ପ୍ରୟାସ କରିଥିଲେ । ଏବେ ସେ ପ୍ରକଳ୍ପ ପ୍ରଶାସକ ଭାବେ ନିଯୁକ୍ତି ପାଇବା ପରେ କୁଟିଆ କନ୍ଧଙ୍କ ବିକାଶ ସମେତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସହ ଜନଜାତିଙ୍କ ଜୀବନ ଜୀବିକା ସ୍ୱାବଲମ୍ବୀ କରାଇବା ଦିଗରେ ଅଧିକ ଗୁରୁତ୍ୱ ଦେବେ ବୋଲି କହିଛନ୍ତି । ସେ ବାଲିଗୁଡ଼ା ଆଇଟିଡିଏରେ ଯୋଗଦେବା ପୂର୍ବରୁ କନ୍ଧମାଳ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କୁ ସାକ୍ଷାତ କରି କାର୍ଯ୍ୟ ଆରମ୍ଭ କରିଥିବା କହିଛନ୍ତି । ସେ ଆହୁରି କହିଛନ୍ତି ଦାରିଙ୍ଗବାଡ଼ି କଫି ବଗିଚାରୁ କଫି ସଂଗ୍ରହ ଓ ପ୍ରସ୍ତୁତି କାର୍ଯ୍ୟ ସମେତ ଦାରିଙ୍ଗବାଡ଼ି ହିଲ୍‌ଭିୟୁ ପାର୍କ ପରିସର ମଧ୍ୟରେ ରହିଥିବା ଜନଜାତି ସଂଗ୍ରହାଳୟର ବିକାଶ ପାଇଁ କାର୍ଯ୍ୟ କରାଯିବ ବୋଲି କହିଛନ୍ତି ।

# ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ କବିତା ପାଠ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାର ଆମ ଗାଁ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଡେରାବିଶ ମହୋତ୍ସବରେ ସାହିତ୍ୟ ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଆମ ଗାଁ ସାହିତ୍ୟ ପରିଷଦର ସଭାପତି ନାଟ୍ୟକାର ସଞ୍ଜୟ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଜଗଦା ନନ୍ଦ ଜେନା, ମୁଖ୍ୟବକ୍ତା ଭାବେ ବିଶିଷ୍ଟ କଥାକାର, ପ୍ରାଧ୍ୟାପକ ଡ. ସର୍ବେଶ୍ୱର ସେଣ ଯୋଗଦେଇ ଡେରାବିଶ ତଥା କେନ୍ଦ୍ରାପଡ଼ାର ସାହିତ୍ୟ, ସଂସ୍କୃତି ସମ୍ପର୍କରେ ସୁନ୍ଦର ବର୍ଣ୍ଣନା କରି ସାହିତ୍ୟ ମେହନତି ମଣିଷର କଥା କୁହେ ଏହା ସମାଜର ଦର୍ପଣ ସଦୃଶ ବୋଲି ମତ ରଖିଥିଲେ । ପ୍ରଥମେ କେନ୍ଦ୍ରାପଡ଼ାର ଶ୍ରୀରାଧା ନୃତ୍ୟ ଅନୁଷ୍ଠାନ ଭାଗ୍ୟଶ୍ରୀ ଷଡଙ୍ଗୀ, ସୌମ୍ୟ ସାଲୋନି ବେହେରା, ସସ୍ମିତା ସାହୁଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ । ବିଶିଷ୍ଟ ଶିକ୍ଷାବିତ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ଓ ଡେରାବିଶ ସାଂସ୍କୃତିକ ସଂଗଠନ ସହ ସମ୍ପାଦକ ବିପିନ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବରିଷ୍ଠ ଶିକ୍ଷାବିତ୍ କବି ନିକୁଞ୍ଜ ବିହାରୀ ପୃଷ୍ଟି, ଅଶୋକ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠଉତ୍ସବରେ ସର୍ବଶ୍ରୀ ସତୀର୍ଥ ସମ୍ପାଦକ ମନ୍ମଥ ନାଥ ବରାଳ, ସଭାପତି ଅମର ପ୍ରସାଦ ରାଉତ, ବିଶିଷ୍ଟ ଗବେଷକ ନିରଞ୍ଜନ ମେକାପ, ନାରାୟଣ ପତି, ଅଜୟ କୁମାର ପାତ୍ର, ବୃନ୍ଦାବନ ଦାସ, ସହଦେବ ଜେନା, ବାପିନ ମଲ୍ଲ, ଭରତ ଚରଣ ସାହୁ, ରଘୁନାଥ ସାହୁ, ରଞ୍ଜନ ବାଇ, ଅନୀତା ପୃଷ୍ଟି, ଗଗନ ବିହାରୀ ଜେନା, ସଞ୍ଜୟ କୁମାର ମଥାନ, ଅଧର କୁମାର ଜେନା, ସନ୍ତୋଷ ପୋଥାଳ, ମନ ରଞ୍ଜନ ତ୍ରିପାଠୀ, କୈଳାଶ ରାଉତ, ନକୁଳ ଚରଣ ପୃଷ୍ଟି, ନିରାକର ମଲ୍ଲିକ, ହରିଶ ଚନ୍ଦ୍ର ବାରିକ ପ୍ରମୁଖ ପଚାଶ ଜଣରୁ ଅଧିକ କବି କବିତା ପାଠ କରିଥିଲେ । ଉପ ସଭାପତି ସନ୍ତୋଷ କୁମାର ପୋଥାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୌତୁକ ପାଇଁ ବଧୂ ହତ୍ୟା ଅଭିଯୋଗ:ସ୍ୱାମୀ ଅଟକ, ପୋଲିସର ତଦନ୍ତ ଆରମ୍ଭ

**ସେମିଳିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ସେମିଳିଗୁଡା ଥାନା ବେହେରାଗୁଡା ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି । ଯୌତୁକ ଟଙ୍କା ଲାଗି ଜଣେ ଗର୍ଭବତୀ ବୋହୂଙ୍କୁ ଶାଶୂ, ଶ୍ୱଶୁର ଓ ସ୍ୱାମୀ ମିଶି ହତ୍ୟା କରିଥିବା ଭଳି ଗୁରୁତର ଅଭିଯୋଗ ଆଣିଛନ୍ତି ପରିବାର ଲୋକ । ଖବରପାଇ ସେମିଳିଗୁଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଯୁବତୀଙ୍କ ମୃତ ଦେହ ଜବତ କରିବା ସହ ତଦନ୍ତ ଜାରି ରଖିଛି । ଅନ୍ୟପଟେ ଶାଶୂ ଘର ତରଫରୁ ବୋହୂ ଆତ୍ମହତ୍ୟା କରିଛି ବୋଲି କହୁଛନ୍ତି । ମୃତ ନବ ବଧୂ ହେଲେ ରଚନା ସାହୁ (୨୨) । ସୂଚନା ଥାଉକି ରଚନା ନିଜେ ଘର ଭିତରେ ଆତ୍ମହତ୍ୟା କରିଥିବା ଖବର ପ୍ରଚାରିତ ହୋଇଥିଲା । ସେମିଳିଗୁଡା ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ବେହେରାଗୁଡା ଗ୍ରାମର ରଚନାଙ୍କ କୋଠରୀରୁ ତାଙ୍କ ମୃତଦେହକୁ ଉଦ୍ଧାର କରିଥିଲା । ସେହିଭଳି ଖବରପାଇ ବନ୍ଧୁଗାଁ ଥାନା ଅଧିନ ଜାଗୁଗୁଡା ପଞ୍ଚାୟତର ଜାଗୁଗୁଡା ଗାଁ ରଚନାଙ୍କ ବାପା ଚକ୍ରଧର ସାହୁ, ମାଆ କୌଶଲ୍ୟା ସାହୁଙ୍କ ସହ ଦୁଇ ବଡ଼ ବାପା ପୁଅ ଭାଇ, ସାନ ଭଉଣୀ, ଅଜା, ଆଈ ଘଟଣା



ସ୍ଥଳରେ ପହଞ୍ଚିଥିଲେ । ଝିଅଙ୍କ ମୃତଦେହ ଦେଖି ଭାବବିହ୍ୱଳ ହେବା ସାଙ୍ଗକୁ ତାଙ୍କୁ ହତ୍ୟା କରାଯାଇଥିବାକୁ ନେଇ ବାପା ସେମିଳିଗୁଡା ଥାନାରେ ଏକ ଲିଖିତ ଅଭିଯୋଗ କରିବା ସହ ଝିଅ ଶାଶୁ ଘର ଲୋକେ ସମସ୍ତେ ମିଶି ବେକରେ ବାନ୍ଧି ହତ୍ୟା କରିଥିବା ଏତଲାରେ ଦର୍ଶାଇଛନ୍ତି । ଏହାର ନିରପେକ୍ଷ ତଦନ୍ତ ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଉ ବୋଲି ପୋଲିସ ନିକଟରେ ଏକ ଏତଲା ବି ଦେଇଛନ୍ତି । ଶନିବାର କୋରାପୁଟ ଏକ ୫ ଜଣିଆ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଜାରି ରଖିଛି । ପରିବାର ଅଭିଯୋଗ ଆଧାରରେ ସେମିଳିଗୁଡା ଥାନା ପୋଲିସ କେସ୍ ନଂ ୩/୨୫ରେ ଏକ ଯୌତୁକ ଜନିତ ହତ୍ୟା ମାମଲା ରୁଜୁ କରିଛି । ଯୁବତୀଙ୍କ ମୃତ ଦେହକୁ ବ୍ୟବଚ୍ଛେଦ ନିମନ୍ତେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ୍ କଲେଜ୍ ଓ ହସ୍ପିଟାଲ୍‌କୁ ପଠାଇଦେଇଛି । ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତ ଦେହ ହସ୍ତାନ୍ତର କରାଯିବ ଏବଂ ଉଭୟ ଦିଗକୁ ନେଇ ଅଧିକ ତଦନ୍ତ ଜାରି ରଖିଥିବା ସେମିଳିଗୁଡା ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି । ବାପା ଚକ୍ରଧରଙ୍କ କହିବା ଅନୁଯାୟୀ ଝିଅ ରଚନାଙ୍କୁ ଗତ ମାର୍ଚ୍ଚ ୬ ତାରିଖରେ- ବେହେରାଗୁଡାର ଅନୀଲ ଚୌଧୁରୀଙ୍କ ସହ ବିବାହ ଦେଇଥିଲେ । ବିବାହକୁ ୯ ମାସ ବିତିଥିଲା ବେଳେ ରଚନା ୪ ମାସର ଗର୍ଭବତୀ ରହିଥିବା ତାଙ୍କ ବାପା କହିଛନ୍ତି ଏବଂ ବିବାହ ପରଠାରୁ ଯୌତୁକରେ ଅଧିକ ଟଙ୍କା ଆଣିବାକୁ ରଚନାଙ୍କ ଉପରେ ଚାପ ପକାଉଥିଲେ । ଅନେକ ସମୟରେ ନିର୍ଯାତନା ଦେଇ ଆସୁଥିବା ରଚନାଙ୍କ ବାପା, ମାଆ, ଭାଇ ଭଉଣୀ, ଅଜା ଆଈ ଅଭିଯୋଗ ଆଣୁଥିବା ବେଳେ, ଅନୀଲଙ୍କ ଘର ତରଫରୁ ହତ୍ୟା ଅଭିଯୋଗକୁ ତାଙ୍କ ମା' ଖଣ୍ଡନ କରିଛନ୍ତି ଓ ବୋହୂ ଆତ୍ମହତ୍ୟା କରିଛି ବୋଲି କହୁଛନ୍ତି । ତେବେ ହତ୍ୟା ନା ଆତ୍ମହତ୍ୟା ? ଉଭୟ ଦିଗକୁ ଦେଖି ନିଜେ ଆଇଆଇସି ସଚିନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ତଦନ୍ତ ଜାରି ରଖିଛି ।

# ସାମ୍ବାଦିକ, ସମାଜସେବୀ ତଥା ସଙ୍ଗଠକ ଅଜିତ କୁମାର ରଥଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର/ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ବିଶିଷ୍ଟ ସମାଜସେବୀ, ସାମ୍ବାଦିକ ତଥା ସଙ୍ଗଠକ ଅଜିତ କୁମାର ରଥଙ୍କ ବୁଧବାର ରାତିରେ ସ୍ୱର୍ଗବାସ ହୋଇଯାଇଛି । ଗୁରୁବାର ଝାରସୁଗୁଡା ସରବହାଲ ସ୍ଥିତ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଯାଇଛି । ଏଥିରେ ତାଙ୍କର ପରିବାର ବର୍ଗ ସମେତ ସହରର ଅନେକ ବିଶିଷ୍ଟ ବ୍ୟକ୍ତିବିଶେଷ ମାନେ ଉପସ୍ଥିତ ଥିଲେ । ପଶ୍ଚିମ ଓଡ଼ିଶାର ଅଗ୍ରଣୀ ସାମାଜିକ ସାଂସ୍କୃତିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଶ୍ଚିମାଞ୍ଚଳ ଏକତା ମଞ୍ଚର ପୂର୍ବତନ ଝାରସୁଗୁଡା ଜିଲ୍ଲା ସଂଯୋଜକ ତଥା ବର୍ତ୍ତମାନର ପ୍ରଭାରୀ ଥିଲେ ସ୍ୱର୍ଗତ ରଥ । ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାର ଅନେକ ଅନୁଷ୍ଠାନର ସେ ପଦାଧିକାରୀ ଓ ସକ୍ରୀୟ ସଦସ୍ୟ ମଧ୍ୟ ଥିଲେ । ବିଭିନ୍ନ ସାମାଜସେବା କାର୍ଯ୍ୟ ଓ ଆନ୍ଦୋଳନ କରି ଅଞ୍ଚଳରେ ସେ ଏକ



ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ତାଙ୍କର ଆତ୍ମର ଶାନ୍ତି ଓ ସଦ୍‌ଗତି ପାଇଁ ଗୁରୁବାର ପଶ୍ଚିମାଞ୍ଚଳ ଏକତା ମଞ୍ଚ କେନ୍ଦ୍ରୀୟ ଟିମ୍ ପକ୍ଷରୁ ସମ୍ବଲପୁର ଜେଲ୍ ଛକ ନିକଟସ୍ଥ ସମ୍ବଲପୁରୀ ଡେରା ଠାରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଆୟୋଜିତ ହୋଇଯାଇଛି । ମଞ୍ଚର ସଦସ୍ୟ ସଦସ୍ୟାମାନେ ଡେରାରେ ଉପସ୍ଥିତ ରହି ତାଙ୍କ ଫୋଟୋରେ ପୁଷ୍ପାର୍ଘ୍ୟ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରି ନୀରବ ପ୍ରାର୍ଥନା କରିଥିଲେ । ପରେ ସ୍ୱର୍ଗତ ରଥଙ୍କ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ରଥ ପ୍ରଥମଥର କରି ସମ୍ବଲପୁରୀ ଦିନକୁ ସମ୍ବଲପୁର ସହରରୁ ବାହାରେ ଝାରସୁଗୁଡ଼ାରେ ଆୟୋଜନ କରିଥିଲେ । ୨୦୧୯ରେ ମଞ୍ଚର ଦ୍ୱିତୀୟ ଜାତୀୟ ସମ୍ବଲପୁରୀ ସମ୍ମିଳନୀ ଝାରସୁଗୁଡ଼ାରେ ତାଙ୍କ ନେତୃତ୍ୱରେ ଆୟୋଜନ କରାଯାଇଥିଲା । ସେ ଏକାଧାରରେ ଜଣେ ସାମ୍ବାଦିକ, ସମାଜସେବୀ ତଥା ସଙ୍ଗଠକ ଭାବେ କାର୍ଯ୍ୟ ସମ୍ପାଦନା କରୁଥିଲେ । ତାଙ୍କର ସ୍ୱର୍ଗବାସ ଫଳରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର ଅପୂରଣୀୟ କ୍ଷତି ହୋଇଛି ବୋଲି ମଞ୍ଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି କହିଥିଲେ । ମଞ୍ଚର ସମ୍ବଲପୁର ଜିଲ୍ଲା ସଂଯୋଜକ କିଶୋର ଧରେଇଙ୍କ ସଭାପତିତ୍ୱରେ ହୋଇଥିବା ଶ୍ରଦ୍ଧାଞ୍ଜଳୀ ସଭାରେ ଆବାହକ ଭବାନୀ ଶଙ୍କର ଭୋଇ, ଭକ୍ତ ପ୍ରସାଦ ପଣ୍ଡା, ସୁଦାମ ମେହେର, ରାହୁଲ ଗୁପ୍ତା, ଶଙ୍କର ମେହେର, ପଙ୍କଜିନୀ ମେହେର, କାନ୍ତି ମେହେର, ସୁଷମା ପ୍ରଧାନ, ଗୀତାଞ୍ଜଳୀ ରଣା, ଲଳିତା ଭୋଇ, ଭୂମିଶୁତା ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

# ତୁଳସୀ ନଗରରେ ନିଆରା ନୂଆବର୍ଷ ପାଳନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସହରର ତୁଳସୀ ନଗର ସ୍ଥିତ ସମସ୍ତ ବାସିନ୍ଦା ଏକ ନିଆରା ଢଙ୍ଗରେ ନୂଆବର୍ଷ ପାଳନ କରିଛନ୍ତି । ପାରିବାରିକ ଗୀତ ନାଚ ଓ ଭୋଜି ଭାତ ନକରି ୨୦୨୫କୁ ସ୍ୱାଗତ କରିବା ସହିତ ଓଡ଼ିଆ ଅସ୍ମିତାକୁ ବଜାୟ ରଖି ୧ ତାରିଖ ସକାଳୁ ସମସ୍ତେ ପରସ୍ପରକୁ ନବବର୍ଷର ଶୁଭେଚ୍ଛା ଦେବା ସହିତ ଏକାଠି ସୁନ୍ଦରାକାଣ୍ଡ ପରିବେଷଣରେ ଯୋଗଦେଇଥିଲେ । ଏଥିରେ ବ୍ୟାସ ପ୍ରଦ୍ୟୁମ୍ନ କୁମାର ମିଶ୍ର ଓ ପାଳିଆ ଗୋବିନ୍ଦ ସାହୁ ସୁଲଳିତ କଣ୍ଠରେ ସୁନ୍ଦରାକାଣ୍ଡ ପରିବେଷଣ କରି ଉପସ୍ଥିତ ସମସ୍ତ ଶ୍ରୋତାଙ୍କୁ ଏକ ଆଧ୍ୟାତ୍ମିକ ପରିବେଶରେ ବାନ୍ଧି ରଖିଥିଲେ । ସଙ୍ଗୀତରେ ସୁଦାମ ବିଶି, ଦିଲ୍ଲିପ ବେହେରା ଓ ସୌମିତ୍ରି ମଲ୍ଲିକ ପ୍ରମୁଖ ସଙ୍ଗୀତର ଉତ୍କର୍ଷତା ବଢ଼ାଇଥିଲେ । ଯୁବଶିଳ୍ପୀ ଅଙ୍କିତ ଷଡ଼ଙ୍ଗୀ ଭଜନ ପରିବେଷଣ କରି ଶ୍ରୋତାଙ୍କୁ ଚମତ୍କୃତ କରିଥିଲେ । ଅପରାହ୍ନରେ ସମସ୍ତେ ଏକାଠି ପରିବାର ତଥା ଦେଶର ମଙ୍ଗଳ କାମନା କରି ପ୍ରଭୁ ରାମଚନ୍ଦ୍ରଙ୍କ ନିକଟରେ ପ୍ରାର୍ଥନା କରିବା ପୂର୍ବକ ସମସ୍ତେ ସାମୁହିକ ପ୍ରସାଦ ସେବନ କରିଥିଲେ ।



# ଘଟଗାଁ ଅଟେଇ ଜଙ୍ଗଲ ସଫାରୀ ଉଦ୍‌ଘାଟିତ

**ଘଟଗାଁ, ନ୍ୟୁଜ୍ ବ୍ୟୁରୋ**

ଘାଟଗାଁ ରେଞ୍ଜ ଅଟେଇ ଜଙ୍ଗଲ ସଫାରୀ ମନ୍ଦିର ପରିସରରେ ଉଦ୍‌ଘାଟିତ ହୋଇଯାଇଛି । କେନ୍ଦୁଝର ସାଂସଦ ଅନନ୍ତ ନାୟକ ମୁଖ୍ୟ ଅତିଥି ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଜିଲ୍ଲା ପରିଷଦ ଅଧକ୍ଷା ସାଗରୀକା ସାହୁ, ଜିଲ୍ଲା ବନଖଣ୍ଡ ଅଧିକାରୀ ଏଚଡି ଧନରାଜ, ବିଡ଼ିଓ ଭାଗବତ ପ୍ରସାଦ ମହାପାତ୍ର, ପୋଲିସ ଏସ୍‌ଡିପିଓ ପ୍ରଭାତ ତ୍ରିପାଠୀ, ଥାନା ଅଧିକାରୀ ଶୁଭ୍ରାନ୍ତ ଜେନା, ସାଂସଦ ପ୍ରତିନିଧି ଅଖିଳ ପାତ୍ର, ବନାଞ୍ଚଳ ଅଧିକାରୀ ତଥା ଏସିଏଫ ପ୍ରଭାତ କୁମାର କୁଅଁର ବିଦ୍ୟୁତ୍ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରଂଜିତ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପ୍ରଥମେ ତାରିଣୀ ପୀଠରେ ସଫାରୀ ବୁଲିବା ପାଇଁ ସଫାରୀ କାଉଣ୍ଟରୁ ସାଂସଦ ଶ୍ରୀ ନାଏକ ପ୍ରଥମ ଟିକେଟ ଆଣିଥିଲେ । ମନ୍ଦିର ପରିସରରୁ ୩ଟି ଗାଡ଼ି ଜଙ୍ଗଲ ସଫାରୀ ବୁଲିବାକୁ ଯାଇଥିଲେ । ଜଙ୍ଗଲ ସଫାରୀ ଗାଡି ମୁଖ୍ୟ ଫାଟକ ମୃଗପାହାଡି ଦେଇ ଜଙ୍ଗଲ ଭିତରକୁ ପ୍ରବେଶ କରିଥିଲେ । ମୃଗପାହାଡି ବନସୁରକ୍ଷା ସମିତି ଆନୁକୂଲ୍ୟରେ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା । ପରେ ୱାଚ୍ ଟାୱାର, ଭିୟୁ ପଏଣ୍ଟ ଆଦି ସ୍ଥାନ ଗୁଡିକ ବୁଲି ଦେଖିଥିଲେ । ଉଲେଖନୀୟ ଯେ ସ୍ୱତନ୍ତ୍ର ତାଲିମ୍‌ପ୍ରାପ୍ତ ଗାଇଡ଼ମାନେ ପ୍ରତି ଗାଡ଼ିରେ ପର୍ଯ୍ୟଟକଙ୍କୁ ନେଇ ଜଙ୍ଗଲ ବୁଲାଇବେ । ବୈତରଣୀ ନଦୀ ଦରଗଡ଼ି ଶିଳାର ମନୋରମ ଡ୍ୟାମ୍, ମୟୁର ଭ୍ୟାଲି, ତୃଣ ଭୋଜି ବନ୍ୟପ୍ରାଣୀଙ୍କ ପାଇଁ ଘାସ ପଡିଆ, ବାଘ ନିରୀକ୍ଷଣ ବ୍ୟବସ୍ଥା, ବନ୍ୟପ୍ରାଣୀଙ୍କ ପାଇଁ ଲଗାଯାଇଥିବା ଟ୍ରାପ୍ କ୍ୟାମେରା ବ୍ୟବସ୍ଥା କରାଯାଇଛି । ଅଟେଇ ସଂରକ୍ଷିତ ଜଙ୍ଗଲ ଭିତରେ ହରିଣ, ଗୟଳ, ସମ୍ବର ଆଦି ବିରଳ ପ୍ରଜାତିର ବନ୍ୟ ପ୍ରାଣୀ ଓ ପକ୍ଷୀ ଦେଖିବାକୁ ପାଇବେ । ଏହି ଜଙ୍ଗଲରେ ବହୁ ଔଷଧିୟ ଗଛ ଗୁଡିକର ଚିହ୍ନଟ କରାଯାଇ ପର୍ଯ୍ୟଟକଙ୍କୁ ଦେଖିବାର ସହାୟକ ହୋଇପାରିବ । ଏହି ଜଙ୍ଗଲ ସଫାରୀ ଉଦ୍‌ଘାଟନ ଉତ୍ସବରେ ବନ ବିଭାଗ କର୍ମଚାରୀ ଓ ଗଣ ମାଧ୍ୟମ ପ୍ରତିନିଧି, ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ବନପାଳ ଯତୀନ୍ଦ୍ର ସାହୁ, ସନ୍ତୋଷ ବେହେରା, ଶ୍ରୀମନ୍ତ ବେହେରା, ବନ କର୍ମଚାରୀ ଓମ୍ ପ୍ରକାଶ ଜେନା, ଯାଜ୍ଞସେନୀ ଗୋଛାୟତ, ସୁଭାଶିନୀ ଗିରି, ମିନା ଲାଗୁରୀ, ପୂଜାରାଣୀ ବଳ, ରାଜେଶ ଜେନା ପ୍ରମୁଖ ସହଯୋଗ କରିଥିଲେ ।

# ପାଣି ପଞ୍ଚାୟତ ମାଧ୍ୟମରେ ଚାଷୀଙ୍କୁ ଅଧିକ ସୁବିଧା ପ୍ରଦାନ ପାଇଁ ଗୁରୁତ୍ୱ

**କଟକ, ନ୍ୟୁଜ୍ ବ୍ୟୁରୋ**

କୃଷି ଓ କୃଷକ ମାନଙ୍କୁ ସଶକ୍ତ କରିବା ପାଇଁ ଚଳିତ ବର୍ଷ ୨୨ ଡିସେମ୍ବର ୨୦୨୪ ତାରିଖ ଠାରୁ ୫ ଡିସେମ୍ବର ୨୦୨୫ ତାରିଖ ପର୍ଯ୍ୟନ୍ତ ୧୫ ଦିନ ବ୍ୟାପି ସାରା ରାଜ୍ୟରେ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଥିବା ବେଳେ ଗୁରୁବାର ପୂର୍ବାହ୍ନରେ କଟକ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ -୨୦୨୪-୨୫ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ସଭାପତିତ୍ୱରେ ପ୍ରତାପନଗରୀ ସ୍ଥିତ ଜଳ ଓ ଭୂମି ପରିଚାଳନା ପ୍ରତିଷ୍ଠାନ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ଚାଷୀମାନଙ୍କୁ ପାଣି ପଞ୍ଚାୟତ ମାଧ୍ୟମରେ କିପରି ସମସ୍ତ ସୁବିଧା ସୁଯୋଗ ପ୍ରାପ୍ତ କରି ଶସକ୍ତ ହୋଇପାରିବେ । ତାହା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ । ଚାଷୀମାନେ ପାଣି ପଞ୍ଚାୟତର ସମସ୍ତ ସୁବିଧାକୁ ବିନିଯୋଗ କରି ବିଭିନ୍ନ ପ୍ରକାରର ଚାଷ କରି ଲାଭବାନ୍ ହେବା ସହ ପ୍ରାକୃତିକ ଦୁର୍ବିପାକରୁ ନିଜର ଫସଲକୁ କିପରି ସୁରକ୍ଷା ଦେଇପାରିବେ ସେ ଦିଗରେ ଜିଲ୍ଲାପାଳ ଶ୍ରୀ ଭାଉସାହେବ ଶିନ୍ଦେ ନିଜର ବକ୍ତବ୍ୟ



ରଖିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଳ ଓ ଭୂମି ପରିଚାଳନା ପ୍ରତିଷ୍ଠାନର ନିର୍ଦ୍ଦେଶକ ଇଂ.ନିରଞ୍ଜନ ରାଉତ, ମୁଖ୍ୟବକ୍ତା ଭାବେ ଜଳ ଓ ଭୂମି ପରିଚାଳନା ପ୍ରତିଷ୍ଠାନର ମୁଖ୍ୟ ସଂଯୋଜକ ଡଃ. ସ୍ୱଧନ୍ୟ ପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ଜଳ ଓ ଭୂମି ପରିଚାଳନା ପ୍ରତିଷ୍ଠାନର ଯୁଗ୍ମ ନିର୍ଦ୍ଦେଶକ ଇଂ ଚନ୍ଦ୍ରଶେଖର ସେଠୀ, ନିର୍ବାହୀ ଯନ୍ତ୍ରୀ ଉଠା ଜଳସେଚନ ଇଂ. ନିରଞ୍ଜନ ନାୟକ ଯୋଗଦେଇଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜଳ ଓ ଭୂମି ପରିଚାଳନା ପ୍ରତିଷ୍ଠାନ ପରିସରରେ ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ଷ୍ଟଲ୍ ଉଦ୍‌ଘାଟନ କରାଯାଇଥିଲା । ପାଣି ପଞ୍ଚାୟତ ଦିବସ ପାଳନ ଉପଲକ୍ଷେ ଆୟୋଜିତ ବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମ ପାଣି ପଞ୍ଚାୟତର ନୋଡାଲ୍ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପୂର୍ବାଞ୍ଚଳ କଟକ ଇଂ. ହେମନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ପାଣି ପଞ୍ଚାୟତର ସଭାପତି, କର୍ମକର୍ତ୍ତା, ଚାଷୀ, ବିଭାଗୀୟ ଯନ୍ତ୍ରୀ ଏବଂ ଗଣମାଧ୍ୟମର ପ୍ରତନିଧିବୃନ୍ଦ ଉପସ୍ଥିତ ଥିବାବେଳେ ଅଧୀକ୍ଷଣ ଯନ୍ତ୍ରୀ, ମହାନଦୀ ଦକ୍ଷିଣ ବିଭାଗ ଇଂ. ବିଜୟ କୁମାର ସେଠୀ ସ୍ୱାଗତ ଭାଷଣ ଏବଂ ଏସଡ଼ିଓ ଉଠା ଜଳସେଚନ ପ୍ରତାପନଗରୀ ଇଂ.ଅଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଁ ବାଙ୍କେଶ୍ୱରୀ ସାମ୍ବାଦିକ ସଂଘର ନୂଆ ବର୍ଷର ପ୍ରଥମ ବୈଠକ

**ଦିଗପହଣ୍ଡି, ନ୍ୟୁଜ୍ ବ୍ୟୁରୋ**

ଦିଗପହଣ୍ଡିର ମାଁ ବାଙ୍କେଶ୍ୱରୀ ସାମ୍ବାଦିକ ସଂଘ ପକ୍ଷରୁ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ସ୍ଥିତ ଚନ୍ଦ୍ରଚୁଡ଼େଶ୍ୱର ଶୈବ ପୀଠରେ ଏକ ଜରୁରୀ କାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ବିଗତ ବର୍ଷର ଆୟୋଜିତ ସାମାଜିକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା ଏବଂ ଏହି ବୈଠକରେ ସଂଘର ସଭାପତି ସାମ୍ବାଦିକ ଶିବପ୍ରସାଦ ରଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ କରାଯାଇଥିଲା । ତାହା ସହ ଚଳିତ ବର୍ଷ ସଂଘ ପକ୍ଷରୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କିପରି କରାଯିବ ଆଲୋଚନା ହୋଇଥିଲା । ସଂଘର ସମସ୍ତ ସଦସ୍ୟ ଏକମତ ହୋଇ ସୁଦୃଢ ଭାବେ ସମାଜ କଲ୍ୟାଣ ସକାଶେ କାର୍ଯ୍ୟ କରିବା ପାଇଁ ଶପଥ ପାଠ କରିଥିଲେ । ଏଥିସହ ସଂଘର କାର୍ଯ୍ୟପନ୍ଥା ଖସଡ଼ା ପ୍ରସ୍ତୁତ କରାଯାଇଥିଲା । ଏଥିରେ ସାମ୍ବାଦିକ ଦିଗାମ୍ବର ମହାରଣା, ନାରାୟଣ ସେଠୀ, ପଞ୍ଚାନନ ପାତ୍ର, ହରି ରେଡ୍ଡୀ, ଗଦାଧର ଶୁକ୍ଳ, ସୁଶାନ୍ତ ମାଳି, ସୁରେନ ଗୌଡ଼, ସମ୍ଭବ ତ୍ରିପାଠୀ, ଜିତେନ୍ଦ୍ର ଗୌଡ଼, ସନ୍ତୋଷ ରେଡ୍ଡୀ, ଆରତ ହୋତା, ଶ୍ରୀନିବାସ ପାତ୍ର, ଶଙ୍କର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।



30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୦୫ ଜାନୁଆରୀ, ରବିବାର, ୨୦୨୫



# ରୋମାଞ୍ଚକର ସ୍ଥିତିରେ ସିଡ୍‌ନୀ ଟେଷ୍ଟ



**ସିଡ୍‌ନୀ**

ଦ୍ୱିତୀୟ ଇନିଂସ ବ୍ୟାଟିଂ କରିବାକୁ ପଡ଼ିଆକୁ ଆସିଥିବା ଟିମ ଇଣ୍ଡିଆ କିଛି ନୂଆ କରିପାରି ନଥିଲା । ପୁଣି ଥରେ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ।

ଚଳିତ ବର୍ଡର-ଗାଭାସ୍କର ଟ୍ରଫିର ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ସିଡ୍‌ନୀରେ ଖେଳା ଯାଉଥିବା ବେଳେ ଏହା ରୋମାଞ୍ଚକର ସ୍ଥିତିରେ ପହଞ୍ଚିଛି । ଗତକାଲି ଭାରତ ପ୍ରଥମ ଇନିଂସରେ ମାତ୍ର ୧୮୫ ରନ କରି ଅଲ୍‌ଆଉଟ ହୋଇଯାଇଥିବା ବେଳେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୮୧ ରନ କରି ଅଲ୍‌ଆଉଟ ହୋଇଯାଇଛି । ଅନ୍ୟପକ୍ଷରେ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଭାରତ ଦ୍ୱିତୀୟ ଦିନ । ଖେଳ ଶେଷ ସୁଦ୍ଧା ୧୪୧ ରନ କରି ୬ ୱିକେଟ ହରାଇ ସାରିଛି । ତେଣୁ ଆସନ୍ତାକାଲି ତୃତୀୟ ଦିବସରେ ମ୍ୟାଚ୍‌ର ପରିଣାମ ଆସିଯିବ ବୋଲି ଆଶା କରାଯାଉଛି । ତେବେ କିଏ ମାରିବ ବାଜି, ତାକୁ ସମସ୍ତେ ଅପେକ୍ଷା କରିଛନ୍ତି ।

ଭାରତର ୧୮୫ ରନ୍‌ର ଜବାବରେ ଅଷ୍ଟ୍ରେଲିଆ ଗତକାଲି ପ୍ରଥମ ଇନିଂସରେ ଗୋଟିଏ ୱିକେଟ ହରାଇ ୯ ରନ କରିଥିବା ବେଳେ ଷ୍ଟମ୍ପ ଅପସାରଣ କରି ନିଆଯାଇଥିଲା । ଶନିବାର ଇନିଂସକୁ ଆଗେଇ ନେବାକୁ ପଡ଼ିଆକୁ ଓହ୍ଲାଇଥିବା ଅଷ୍ଟ୍ରେଲିଆର ବ୍ୟାଟରମାନଙ୍କ ମଧ୍ୟରୁ ବଉ ବେଷ୍ଟରଙ୍କ ବ୍ୟତୀତ ଅନ୍ୟ କେହି ଦୀର୍ଘ ସମୟ ଧରି କ୍ରିଜ୍‌ରେ ତିଷ୍ଠି ପାରି ନଥିଲେ ।

ମାର୍ନସ ଲାବୁଶେନ ମାତ୍ର ୨ ରନ କରି ଆଉଟ ହୋଇଥିବା ବେଳେ ଟ୍ରାଭିସ ହେଡ ୪, ସାମ କୋନଷ୍ଟାସ ୨୩ (୩୮ ବଲ୍), ଆଲେକ୍ସ କେରୀ ୨୧(୩୬ ବଲ୍), ପାଟ କମିନ୍ସ ୧୦ (୨୦ ବଲ୍), ମିଚେଲ ଷ୍ଟାର୍କ ୧ (୪ ବଲ୍) ଓ ସ୍କଟ ବୋଲାଣ୍ଡ ୯ ରନ (୯ ବଲ୍) କରି ଆଉଟ ହୋଇଥିଲେ । ଷ୍ଟିଭ୍ ସ୍ମିଥ ୫୭ଟି ବଲ୍‌ରୁ ୩୩ ରନ କରି ପ୍ରସିଦ୍ଧ କୃଷ୍ଣଙ୍କ ବଲରେ କ୍ୟାଚ ଆଉଟ ହୋଇଥିଲେ । ବେଷ୍ଟର ସର୍ବାଧିକ ୧୦୫ଟି ବଲ ଖେଳିବାକୁ ସମର୍ଥ ହୋଇଥିବା ବେଳେ ୫ଟି ଚୌକା ସହାୟତାରେ ୫୭ ରନ ସଂଗ୍ରହ କରିଥିଲେ । ନାଥନ ଲିୟନ ୭ ରନ (୧୭ ବଲ୍) କରି ଅପରାଜିତ ରହିଥିଲେ । ୫୧ ଓଭରରେ ୧୮୧ ରନ କରି ପୂରା ଟିମ ପ୍ୟାଭିଲିୟନକୁ ଫେରି ଯାଇଥିଲା ।

ଏହା ପରେ ଦ୍ୱିତୀୟ ଇନିଂସ ବ୍ୟାଟିଂ କରିବାକୁ ପଡ଼ିଆକୁ ଆସିଥିବା ଟିମ ଇଣ୍ଡିଆ କିଛି ନୂଆ କରିପାରି ନଥିଲା । ପୁଣି ଥରେ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ୭.୩ ଓଭରରେ ପ୍ରଥମ ୱିକେଟ ହରାଇଥିଲା ଦଳ । କେଏଲ ରାହୁଲ ୧୩ ରନ କରିଥିବା ବେଳେ ସ୍କଟ ବୋଲାଣ୍ଡଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ । ଏହା ପରେ କିଛି କିଛି ଓଭର ବ୍ୟବଧାନରେ ଦଳର ଗୋଟିଏ ପରେ ଗୋଟିଏ ୬ଟି ୱିକେଟ ପଡ଼ିଥିଲା ।

ଆଉଟ ହୋଇଥିବା ବ୍ୟାଟରଙ୍କ ମଧ୍ୟରେ ସବୁଠୁ ଭଲ ଖେଳିଥିଲେ ଋଷଭ ପନ୍ତ । ସେ ୩୩ଟି ବଲ୍‌ରୁ ୬ ଚୌକା ଓ ୪ ଛକା ସହାୟତାରେ ୬୧ ରନ କରିଥିଲେ । ପାଟ କମିନ୍ସଙ୍କ ବଲ୍‌ରେ ଆଲେକ୍ସ କେରୀଙ୍କ ହାତରେ ସେ କ୍ୟାଚ ଆଉଟ ହୋଇଥିଲେ । ଯଶସ୍ୱୀ ଜୈସୱାଲ ୩୫ଟି ବଲ୍‌ରୁ ୨୨ ରନ କରିଥିବା ବେଳେ ରାହୁଲ ୧୩, ଶୁବମନ ଗିଲ ୧୩, ବିରାଟ କୋହଲି ୬ ଓ ନୀତୀଶ କୁମାର ରେଡ୍ଡୀ ୪ ରନ କରି ଆଉଟ ହୋଇଯାଇଥିଲେ ।

ରବୀନ୍ଦ୍ର ଜାଡେଜା ୮ ରନ (୩୯ ବଲ୍) ଓ ୱାଶିଂଟନ ସୁନ୍ଦର ୬ ରନ (୧୭ ବଲ୍) କରି ଅପରାଜିତ ଅଛନ୍ତି । ଜାଡେଜାଙ୍କଠାରୁ ଦଳ ଏକ ଭଲ ଇନିଂସ ଆଶା କରୁଛି । ଭାରତର ସ୍କୋର ଏହି ଦୁଇ ଜଣଙ୍କ ସହିତ ଯଶପ୍ରୀତ ବୁମ୍ରା, ମହମ୍ମଦ ସିରାଜ ଓ ପ୍ରସିଦ୍ଧ କୃଷ୍ଣଙ୍କ ଉପରେ ନିର୍ଭର କରୁଛି । ଅନ୍ୟପକ୍ଷରେ ଏହି ମ୍ୟାଚ ଜିତାଇବାର ଦାୟିତ୍ୱ ଏବେ ବୋଲରମାନଙ୍କ କାନ୍ଧକୁ ଯାଇଛି । ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆକୁ ଯେଭଳି ବୋଲିଂ କରି ଧରାଶାୟୀ କଲେ, ତାଠାରୁ ବି ଅଧିକ ପ୍ରଭାବଶାଳୀ ବୋଲିଂ କଲେ ହୁଏତ ଭାରତ ଏହି ମ୍ୟାଚ୍ ଜିତି ସିରିଜକୁ ୨-୨ରେ ବରାବର ସ୍ଥିତିକୁ ନେଇଯାଇପାରେ ।

# ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ପକ୍ଷରୁ ନବୀକରଣ ଯୋଗ୍ୟ ଜଳବିଶୋଧନ କେନ୍ଦ୍ର ଉଦ୍‌ଘାଟିତ




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଖୋର୍ଦ୍ଧା ରୋଡର ଲୋକୋ କଲୋନୀରେ ନବୀକରଣ ଯୋଗ୍ୟ ଜଳବିଶୋଧନ ପ୍ଲାଣ୍ଟକୁ, ଖୋର୍ଦ୍ଧା ରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ, ଏଚ୍.ଏସ୍. ବାଜୱା, ଉଦ୍‌ଘାଟନ କରିଛନ୍ତି । ଏହି ରିସାଇକ୍ଲିଂ ପ୍ଲାଣ୍ଟ ଦ୍ୱାରା ରେଲୱେ ଲୋକୋ କଲୋନୀ ଏବଂ ନିକଟବର୍ତ୍ତୀ ଅଞ୍ଚଳର ନିର୍ଗତ ହେଉଥିବା ଦୂଷିତ ଜଳକୁ ପୁନର୍ବ୍ୟବହାର ଉପଯୋଗି କରାଯାଇ, ଟ୍ୟାଙ୍କରେ ଜଳ ସଂଗ୍ରହ କରାଯିବ ଏବଂ ପରେ ପାଇପ ମାଧ୍ୟମରେ ଖୋର୍ଦ୍ଧା ରୋଡ ରେଳ ଷ୍ଟେସନକୁ ପରିବହନ କରାଯିବ । ଏହି ପାଣି ଷ୍ଟେସନର ପ୍ଲାଟଫର୍ମ ସଫା କରିବା ପାଇଁ ଏବଂ ପାଖରେ ଥିବା ଉଦ୍ୟାନରେ ବ୍ୟବହାର କରାଯିବ । ଏହି ଜଳବିଶୋଧନ ପ୍ଲାଣ୍ଟ ପ୍ରତିଦିନ ୫ ଲକ୍ଷ ଲିଟର ପାଣି ରିସାଇକ୍ଲିଂ କରିପାରିବ । ପୁନଃବ୍ୟବହାରକାରୀ ଜଳ ପରିବେଶ ଉପରେ ସକରାତ୍ମକ ପ୍ରଭାବ ପକାଇଥାଏ । କାରଣ ଏହା ସତେଜ ଜଳ ଯୋଗାଣ ଉପରେ ନିର୍ଭରଶୀଳତାକୁ ହ୍ରାସ କରିଥାଏ ଏବଂ ପରିବେଶରେ ନିର୍ଗତ ବର୍ଜ୍ୟଜଳର ପରିମାଣକୁ ଆହୁରି ହ୍ରାସ କରିଥାଏ । ପୁରାତନ ରିସାଇକ୍ଲିଂ ପ୍ଲାଣ୍ଟରେ ନୂତନ ମୋଟର ଏବଂ ଯନ୍ତ୍ରପାତି ଲଗାଯାଇଛି । ଦୂଷିତ ଜଳରୁ କାଦୁଆ ସଂଗ୍ରହ କରିବା ବ୍ୟବସ୍ଥା କରାଯାଇଛି, ଯାହା ପରବର୍ତ୍ତୀ ସମୟରେ ସାର ଭାବରେ ବ୍ୟବହାର କରାଯାଇ ଅଞ୍ଚଳର ମାଟିର ଉର୍ବରତାକୁ ଉନ୍ନତ କରାଯାଇପାରିବ । ରିସାଇକ୍ଲିଂ ପ୍ଲାଣ୍ଟର ସଞ୍ଚାର କ୍ଷେତ୍ରକୁ ଏକ ଉଦ୍ୟାନରେ ବିକଶିତ କରାଯାଇଛି । । ଏହି ଅବସରରେ, ମଣ୍ଡଳ ରେଳ ପ୍ରବନ୍ଧକ, ଏଚ୍.ଏସ୍. ବାଜୱା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଅପରେସନ୍), ପି.କେ.ବେହେରା ଏଂ ଅନ୍ୟ ଶାଖା ଅଧିକାରିଙ୍କ ଦ୍ୱାରା ଏହି ଉଦ୍ୟାନରେ ଚାରା ରୋପଣ କରାଯାଇଥିଲା । ଏହି ନବୀକରଣ ଯୋଗ୍ୟ ଜଳବିଶୋଧନ କେନ୍ଦ୍ର, ଲିଙ୍ଗରାଜ ତ୍ରିପାଠୀ, ଖୋର୍ଦ୍ଧା ରୋଡର ବରିଷ୍ଠ ମଣ୍ଡଳ ମେକାନିକାଲ୍ ଇଞ୍ଜିନୟର୍ ଏବଂ ଶ୍ରୀମତୀ ସ୍ୱାଧୀନତା ଦାସ୍ ଙ୍କ ନେତୃତ୍ୱ ରେ, ଖୋର୍ଦ୍ଧା ରୋଡ ମେକାନିକାଲ୍ ବିଭାଗର, ଏନଭାୟାରମେଣ୍ଟାଲ ହାଉସକିପିଂ ମ୍ୟାନେଜମେଣ୍ଟ (ଇ.ଏନ୍.ଏଚ.ଏମ) ଟିମ୍ ଦ୍ୱାରା ନିଆଯାଇଥିବା ଏକ ପଦକ୍ଷେପ ।

# ବିଦ୍ୟାଳୟରେ ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ପାଇଁ ସରକାରଙ୍କୁ ଧନ୍ୟବାଦ ଦେଲା ଭାଷା ଆନ୍ଦୋଳନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଆରେ ଓଡ଼ିଶାର ଶାସନ ପାଇଁ ଭାଷା ଆନ୍ଦୋଳନ, ଓଡ଼ିଶାର ଦୀର୍ଘ ଦିନର ଆନ୍ଦୋଳନ ୨୦୧୯ ରେ ରୂପ ନେଇଥିଲେ ସୁଦ୍ଧା ତାହା ଗତକାଲି ରୂପରେଖରେ ପରିଣତ ହୋଇଛି, ଯାହାକୁ ମୂଳଦୁଆ କହିଲେ ଅତ୍ୟୁକ୍ତି ହେବନାହିଁ । ମାତୃଭାଷାରେ ସମୃଦ୍ଧି ପାଇଁ ଛାତ୍ର ଜୀବନରୁ ସୁଦୃଢ଼ ହେଲେହିଁ ଜଣେ ବ୍ୟକ୍ତି ଯେ କୌଣସି କାର୍ଯ୍ୟ କରିବା ପାଇଁ କୁଣ୍ଠାବୋଧ କରିବ ନାହିଁ । ଓଡ଼ିଆ ସମ୍ମାନ ଛାତ୍ର ସଂସଦ ର ଦୀର୍ଘ ଦିନର ଆନ୍ଦୋଳନ ମଧ୍ୟ ଏଥିପାଇଁ ଭିନ୍ନ ଭିନ୍ନ ଉପାୟରେ ଆନ୍ଦୋଳନ କରି ସରକାର ତଥା ଭାଷା ଆନ୍ଦୋଳନ , ଓଡ଼ିଶା ଙ୍କୁ ପ୍ରଭାବିତ କରିପାରିଥିଲା । ଯାହାର ଫଳସ୍ୱରୂପ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପୂର୍ବରୁ ସରକାରଙ୍କ ସହ ବୁଦ୍ଧିଜୀବୀ ସମ୍ମିଳନୀରେ ଓଡ଼ିଆ ଭାଷା ଶିକ୍ଷକ ବିଷୟରେ ବିଶେଷ ଭାବରେ ଆଲୋଚନା ହୋଇଥିଲା । ଏବଂ ପରବର୍ତ୍ତୀ ମନ୍ତ୍ରୀମଣ୍ଡଳାସ୍ତରୀୟ ବୈଠକରେ ଦେଢ଼ ହଜାର ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି କରିବୁ ବୋଲି ଘୋଷଣା କରିଥିଲେ । କିନ୍ତୁ ଅନୁରୂପ ଭାବେ ମୋହନ ସରକାର ଆସୁଆସୁ ଆମେ ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି କରିବୁ ବୋଲି କହିଥିଲେ । କିନ୍ତୁ ୯ ଅକ୍ଟୋବର ୨୦୨୪ ରେ ଷ୍ଟାଫ ସିଲେକସନ କମିଶନ ଦ୍ୱାରା ୬୦୨୫ ଶିକ୍ଷକ ନିଯୁକ୍ତି ବିଜ୍ଞପ୍ତିରେ ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ସମ୍ପର୍କରେ କୌଣସି ସତ୍ୱ ସମ୍ପର୍କ ନଥିବାରୁ ଭାଷା ଆନ୍ଦୋଳନ ଓଡ଼ିଶା ତୀବ୍ର ପ୍ରତିକ୍ରିୟା ଦେବା ସହିତ ଓଡ଼ିଆ ସମ୍ମାନ ଛାତ୍ର ସଂସଦ ମଧ୍ୟ ବିଭିନ୍ନ ଉପାୟରେ ପ୍ରତିବାଦ ଜଣାଇଥିଲା । ଯାହାହେଉ ସରକାରୀ ଦଳର ଜଣେ ନେତାଙ୍କ ମାଧ୍ୟମରେ ମାନ୍ୟବର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ , ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ, ଓସେପାର ନିର୍ଦ୍ଦେଶକଙ୍କ ସହ ଆଲୋଚନା ପରେ ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ପାଇଁ ପଥ ପରିଷ୍କାର ହେଲା । ଗତକାଲି ଇତିହାସର ନୂଆ ଫର୍ଦ୍ଦରେ ପ୍ରଥମଥରପାଇଁ ଷ୍ଟାଫ ସିଲେକସନ କମିଶନଙ୍କ ଦ୍ୱାରା ୪୯୬ ଜଣ ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସମସ୍ତ ଭାଷା ଯୋଦ୍ଧା , ଓଡ଼ିଆ ସମ୍ମାନ ଛାତ୍ର ସଂସଦ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି । ଏହି ଅବସରରେ ଓଡ଼ିଆ ସମ୍ମାନ ଛାତ୍ରସଂସଦ ଏବଂ ଭାଷା ଆନ୍ଦୋଳନ , ଓଡ଼ିଶା ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଏବଂ ମାନ୍ୟବର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କର ଐତିହାସିକ ନିଷ୍ପତିକୁ ଆଭାସୀ ମାଧ୍ୟମରେ କୃତଜ୍ଞତା ସହିତ ଧନ୍ୟବାଦ ଅର୍ପଣ କରାଯାଇଛି ବୋଲି ଭାଷା ଆନ୍ଦୋଳନର ଆବାହକ ପବିତ୍ର ମହାରଥା ଜଣାଇଛନ୍ତି ।

# ଆଦର୍ଶ ବିଦ୍ୟାଳୟ ଶିକ୍ଷକଙ୍କୁ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ଆଦର୍ଶ ବିଦ୍ୟାଳୟ ର ଦକ୍ଷ ଶିକ୍ଷକ ସେକ ନିୟାଜୁଦ୍ଦିନଙ୍କୁ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିବା ଜଣାପଡିଛି । ୱାର୍ଲ୍ଡ ଚାରିଟି ୱେଲଫେୟାର ଫାଉଣ୍ଡେସନ ପକ୍ଷରୁ ପୁରୀ ଟାଉନହଲ ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରେ ଡ଼ଃ ମହମ୍ମଦ ମଜିଦ ସୁଲତାନ, ଡ଼ଃ ନିରନ ପଣ୍ଡା, ଡ଼ଃ ପିତାମ୍ବର ଖିଲାର, ଅଇନଜୀବି ଦୁର୍ଗା ପାଢୀ, ଆର୍ତତାଣ ସାହୁ, ନୃସିଂହ ଚରଣ ସାହୁ, ପ୍ରକାଶ ରନ ଦାସ, ଡ଼ଃ ବିନୟ କୁମାର ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ନିୟାଜୁଦ୍ଦିନଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ଓ ମାନପତ୍ର ପ୍ରଦାନ କରି ଦକ୍ଷ ଶିକ୍ଷକ ଭାବେ ସମ୍ବର୍ଦ୍ଧିତ କରିଥିଲେ ।

# ଜଳସେଚନ ବ୍ୟବସ୍ଥାର ଭିତ୍ତିଭୂମି ବିକାଶ ପାଣି ପଞ୍ଚାୟତର ମୁଖ୍ୟ ଉଦ୍ଦେଶ୍ୟ




**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଇନଡୋର ଷ୍ଟାଡିୟମ ପରିସରରେ ଜଳସମ୍ପଦ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଅଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ କହିଲେ ଜିଲ୍ଲାରେ ସମସ୍ତ ପାଣି ପଞ୍ଚାୟତରେ ପକ୍ଷ ପାଳନ କରାଯାଇଛି । ପାଣି ପଞ୍ଚାୟତକୁ ଅଧିକ କ୍ରିୟାଶୀଳ କରି ଜଳସେଚନ ସମୟରେ କେନାଲର ଶେଷ ମୁଣ୍ଡରେ ଥିବା ଚାଷ ଜମିକୁ ବିନା ବାଧାରେ ଜଳ ଯୋଗାଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଜଳସେଚନ ବ୍ୟବସ୍ଥାର ଭିତ୍ତିଭୂମି ବିକାଶ, ରକ୍ଷଣାବେକ୍ଷଣ ଓ ପରିଚାଳନାରେ ଭାଗିଦାରୀ ଏବଂ ସମସ୍ତ ଚାଷୀଙ୍କୁ ସୁଷମ ତଥା ନିର୍ଭରଯୋଗ୍ୟ ଜଳ ବଣ୍ଟନ ପାଣି ପଞ୍ଚାୟତର ମୁଖ୍ୟ ଉଦ୍ଦେଶ୍ୟ, ଚାଷୀମାନେ କିପରି ଭଲ ଫସଲ ଆମଦାନୀ କରିପାରିବେ, ଧାନ ସହିତ ଅଣଧାନ ଚାଷ, ଉଚ୍ଚ ମୂଲ୍ୟ ଯୁକ୍ତ ଫସଲ ଉତ୍ପାଦନ କରିପାରିବେ । ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ଇଷ୍ଟର୍ଣ୍ଣ ସର୍କଲ ପ୍ରଣବ କୁମାର ନାୟକ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥିମାନେ ଯୋଗଦେଇ ମୁଖ୍ୟ ଯନ୍ତ୍ରୀ ଜାଇକା ପ୍ରକଳ୍ପ, ବ୍ରାହ୍ମଣୀ ବାମପର୍ଶ୍ୱ କେନାଲ, ସୁକିନ୍ଦା ଶ୍ୱେତ କୁମାର ଜାଲି କହିଲେ ପାଣି ପଞ୍ଚାୟତର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କୃଷି ଓ କୃଷକର ସମୃଦ୍ଧି । ଚାଷ ଉତ୍ପାଦନରୁ ତାର କିପରି ଆର୍ଥିକ ଉନ୍ନତି ହେବ ଏବଂ ଯାହା ସମସ୍ୟା ରହିଛି ତାର କେମିତି ସମାଧାନ ହୋଇପାରିବ । ଏହି ଉତ୍ସବରେ ଅଧିକ୍ଷଣ ଯନ୍ତ୍ରୀ ଜାଇକା ଜଳସେଚନ ବିଭାଜନ କାମଦେବ ଦାସ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ସୁବ୍ରତ କୁମାର ପାଣିଗ୍ରାହୀ, ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି ରାଧେଶ୍ୟାମ ବେହେରା, ଅଧିକ୍ଷଣ ଯନ୍ତ୍ରୀ, ଯାଜପୁର ଶରତ ଚନ୍ଦ୍ର ଘଡ଼େଇ, ସହକାରୀ କୃଷି ଅଧିକାରୀ ମନୋଜ କୁମାର ରାଉତ, ଅତିରିକ୍ତ ମୁଖ୍ୟ ଜାଇକା ମୃତ୍ୟୁଞ୍ଜୟ ସେଠୀ, ଯୋଗଦେଇ ପାଣି ପଞ୍ଚାୟତ ଗଠନର ଉଦ୍ଦେଶ୍ୟ ପରିଚାଳନା, ଭବିଷ୍ୟତରେ ଏହାର ସଫଳ ରୂପାୟନ ତଥା ଜିଲ୍ଲାର ବିଭିନ୍ନ ସରକାରୀ ବିଭାଗ ଯଥା କୃଷି, ପଶୁପାଳନ, ମତ୍ସ୍ୟ, ଉଦ୍ୟାନ ବିଭାଗ ଇତ୍ୟାଦିର ବିଭିନ୍ନ ସରକାରୀ ଯୋଜନାର ସୁଫଳ କିଭଳି ସାଧାରଣ ଚାଷୀ ପାଖରେ ପହଞ୍ଚି ପାରିବ ତାଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଏହି ଉତ୍ସବ ଆୟୋଜନ ଓ ପରିଚାଳନା ରେ ଯାଜପୁର ଜଳସେଚନ ବିଭାଗ ର ଏସ୍‌ଡିଓ ଅନ୍ତର୍ଯ୍ୟାମୀ ମହାନ୍ତି, ସହକାରୀ ଯନ୍ତ୍ରୀ ସୁଧାଂଶୁ ଶେଖର ନାୟକ, ଅରୁଣ କୁମାର ତ୍ରିପାଠୀ, ସୁନୀଲ କୁମାର ବଳ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବେଳେ ରବି ନାରାୟଣ ସ୍ୱାଇଁ, ଅମର କୁମାର ଦେବତା, ଖଗେନ୍ଦ୍ର ସାହୁ, ଅମୀୟ କୁମାର ମହାନ୍ତି ଓ ନନ୍ଦ କିଶୋର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ । ଉତ୍ସବରେ ସଫଳ ଚାଷୀ ସୁଢ଼ଳ ଚରଣ ସାହୁ, ଅଭିରାମ ପଲେଇ, ରାମଚନ୍ଦ୍ର ଦାସଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟ ସ୍ତରୀୟ ବକ୍ତୃତା, ପ୍ରବନ୍ଧ, କୁଇଜ୍, ଚିତ୍ରାଙ୍କନ, ଆଦର୍ଶ ପ୍ରଦର୍ଶନୀର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ମା କାଳୀ ପଞ୍ଚାୟତ କୁ ଶ୍ରେଷ୍ଠ ପାଣି ପଞ୍ଚାୟତ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଉପସ୍ଥିତ ଚାଷୀ, ଜନସାଧାରଣ, ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ମାନେ ପାଣି ପଞ୍ଚାୟତ ଶପଥ ପାଠ କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରାଯାଇଥିଲା ।

# ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଶ୍ରମିକ ସଂଘ ପକ୍ଷରୁ ଦାବିପତ୍ର

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଂଘ ତରଫରୁ ନୂତନ ଭାବେ ଯୋଗ ଦେଇଥିବା ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହାମାନସିଂହଙ୍କୁ ୯ ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ର ରେ ଅନୁବନ୍ଧିତ ମହିଳା ନିର୍ମାଣ ଶ୍ରମିକ ମାନଙ୍କୁ ପରିଚୟପତ୍ର ପ୍ରଦାନ, ଫେରସ୍ତ କରାଯାଇ ଥିବା ମହିଳା ନିର୍ମାଣ ଶ୍ରମିକ ମାନଙ୍କ ଦରଖାସ୍ତ ଗ୍ରହଣ କରାଯାଇ ପରିଚୟ ପତ୍ର ପ୍ରଦାନ କରିବା । ୨୦୨୦ ରେ ହୋଇଥରବା ଶିକ୍ଷାବୃତି ଦରଖାସ୍ତକୁ ବିଚାର କରାଯାଇ ଶ୍ରମିକ ମାନଙ୍କ ପିଲାଙ୍କୁ ବୃତିରାଶି ପ୍ରଦାନ କରାଯିବା, ଅଫଲାଇନ ରେ କରାଯାଇ ଥିବା ଜିଅ ବିଭାଘର ଦରଖାସ୍ତ ତୁରନ୍ତ ବିଚାର କରାଯାଇ ଅନୁଦାନ ପ୍ରଦାନ କରିବା, ବିଭିନ୍ନ କାରଣରୁ ପଡି ରହିଥିବା ମୁରି ପ୍ରାପ୍ତ ଅନୁଦାନ ତୁରନ୍ତ ପୁରଣ କରିବା ଆଦି ଦାବି ଗୁଡିକ ରହିଛି । ଏହି ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ ସାଧାରଣ ସଂପାଦକ ଅଶୋକ କୁମାର ତ୍ରିପାଠୀଙ୍କ ସହିତ କାମିନୀ ମିଶ୍ର, ମନୋଜ ପରିଡା, ବାହାଲି ଟୁଡୁ, ଅନିରୁଦ୍ଧ ପୃଷ୍ଟି, ବିଶ୍ୱମ୍ଭର ଗିରି, ଅକ୍ଷୟ ଲେଙ୍କା, ଭଗବାନ ବେହେରା, ପ୍ରଦିପ୍ତ କୁମାର ସାମଲ, ପ୍ରମୁଖ ଉପସ୍ଥିତ ରହି ଦାବି ଗୁଡିକୁ ତୁରନ୍ତ ସମାଧାନ କରି ଅର୍ଥରାଶି ପ୍ରଦାନ କରିବାକୁ ଦାବି କରିଛନ୍ତି ।

# ମା' ବାସନ୍ତୀ ସ୍ୱେଚ୍ଛାସେବୀ ଯୁବ ସଂଗଠନର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ସୟ ପଞ୍ଚାୟତ ଅଧୀନ ଧୂଳିପଦାସ୍ଥିତ ମା' ବାସନ୍ତୀ ସ୍ୱେଚ୍ଛାସେବୀ ଯୁବ ସଂଗଠନର ୨୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଉଦଘାଟିତ ହୋଇଯାଇଛି । ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ତିହିଡି ବ୍ଲକ କଂଗ୍ରେସ କମିଟି ସଭାପତି ସରୋଜ ଦାସ, କଂଗ୍ରେସ ନେତା ବିୟଜ ନାୟକ, ଗଣେଶ ମଳିକ, ବଳରାମ କବି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଜାରକା ଜାଗୁଆର ଭୁବନେଶ୍ୱର ଏବଂ ବୋଡ଼କ ମଧ୍ୟରେ ପ୍ରଥମ କ୍ୱାର୍ଟର ମ୍ୟାଚ ଅନୁଷ୍ଠିତ ହୋଇଥିଲା । ବୋଡ଼କ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ଓଭରରେ ସମସ୍ତ ୱାଇକେଟ ହରାଇ ୨୭୩ରନ ସଂଗ୍ରହ କରିଥିଲା । ଏହାର ଜବାବରେ ଭୁବନେଶ୍ୱର ୧୯.୫ବଲରେ ୨୭୪ରନ ସଂଗ୍ରହ କରି ସେମି ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି । ପ୍ରଶାନ୍ତ କୁମାର ମହାନ୍ତି ଏବଂ ବସନ୍ତ କୁମାର ମଳିକ ଖେଳ ପରିଚାଳନା କରିଥିବା ବେଳେ ଶିଶିର କୁମାର ନାୟକ, ତପନ ମହାଳିକ, ସୁଶାନ୍ତ ମଳିକ ଏବଂ ଅଶୋକ ମଲ୍ଲିକ ଧାରା ବିବରଣୀ ପ୍ରଦାନ କରିଥିଲେ । ସ୍କୋରର ଭାବେ ସ୍ୱାଗତ ରାଉତ, ପ୍ରବୋଧ ରଞ୍ଜନ ସାହୁ, ବିକାଶ ନାୟକ ଥିବା ବେଳେ ଥାର୍ଡ଼ ଆମ୍ପାୟାର ଭାବେ ସଞ୍ଜୟ ସେଠୀ, ଲକ୍ଷ୍ମଣ ନାୟକ କାର୍ଯ୍ୟ ସମ୍ପାଦନ କରିଥିଲେ । ଅନୁଷ୍ଠାନର ସଭାପତି ପ୍ରହଲ୍ଲାଦ ନାୟକ, ଲଲାଟେନ୍ଦୁ ମଲ୍ଲିକ, ପୂର୍ବତନ ସଭାପତି କାହ୍ନୁଚରଣ ଶତପଥି, ସୌମ୍ୟ ରଞ୍ଜନ ନାୟକ, କାଳନ୍ଦୀ ସେଠୀ, ମଳୟ ସେଠି, ସନ୍ତୋଷ କୁମାର ନାୟକ, ଉଜ୍ଜଳ ନାୟକ, କହ୍ନେଇ ନାୟକ, ପ୍ରଶାନ୍ତ ସାମଲ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ ।

# ଡାଇଭ୍ ମାରି ବଲ୍ ରୋକିବା ବେଳେ ଭାଙ୍ଗିଲା ଗୋଡ଼ !



**କେପଟାଉନ୍**

ଦକ୍ଷିଣ ଆଫ୍ରିକା ଏବଂ ପାକିସ୍ତାନ ମଧ୍ୟରେ କେପ୍‌ଟାଉନ୍‌ରେ ଖେଳା ଯାଉଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଦୁଃଖଦ ଘଟଣା ଘଟିଛି । ଫିଲ୍ଡିଂ ସମୟରେ ସାଇମ୍ ଆୟୁବ୍ ଆହତ ହୋଇଛନ୍ତି । ପାକିସ୍ତାନ ବୋଲିଂର ସପ୍ତମ ଓଭରରେ ଏହି ଦୁର୍ଘଟଣା ଘଟିଛି । କ୍ରିକେଟର ଅବ୍ୱାସଙ୍କ ବଲ୍‌କୁ ଅଟକାଇବା ଲାଗି ଡାଇଭ୍ ମାରିଥିଲେ, ଏହି ସମୟରେ ତାଙ୍କ ଗୋଡ଼ ମୋଡ଼ି ହୋଇ ଯାଇଥିଲା । ଫଳରେ ସେ ଯନ୍ତ୍ରଣାରେ ଛଟପଟ ହୋଇଥିଲେ । ଏହାଦେଖି ସେଠାରେ ଉପସ୍ଥିତ ଫିଜିଓ ମଇଦାନକୁ ଆସିଥିଲେ । ସେ ଆୟୁବଙ୍କୁ ଯନ୍ତ୍ରଣାରୁ ମୁକ୍ତ କରିବାକୁ ଚେଷ୍ଟା କରିଥିଲେ । ହେଲେ ତାହା ହୋଇପାରି ନ ଥିଲା । ପରେ ଆୟୁବ ଛିଡ଼ା ହେବାକୁ ଚେଷ୍ଟା କରିଥିଲେ ମାତ୍ର ତାହା ମଧ୍ୟ ସମ୍ଭବ ହୋଇ ନ ଥିଲା । ଶେଷରେ ତାଙ୍କୁ ହ୍ୱିଲ୍‌ଚେୟାରରେ ବାହାରକୁ ଅଣାଯାଇଛି ।

ସାଇମ ଆୟୁବଙ୍କୁ ଯନ୍ତ୍ରଣାଦାୟକ ଆଘାତ ଲାଗିବା ପରେ ତାଙ୍କୁ ଡାକ୍ତରଖାନା ନିଆଯାଇଛି । ସେଠାରେ ତାଙ୍କର ଡାହାଣ ଗୋଡ଼ର ଯାଞ୍ଚ ହେବ । ଏଭଳି ଲାଗୁଛି ଯେ ତାଙ୍କ ଗୋଡ଼ ଭାଙ୍ଗି ଯାଇଛି । ଏବେ ତାଙ୍କର ସର୍ଜରୀ କରାଯାଇ ପାରେ । ଆୟୁବ ଯଦି ମ୍ୟାଚ୍‌ରୁ ବାଦ୍ ପଡ଼ନ୍ତି ତେବେ ପାକିସ୍ତାନ ପାଇଁ ବଡ଼ ଝଟ୍‌କା ହେବ । କାରଣ ଏହି ବାମହାତୀ ବ୍ୟାଟ୍ସମ୍ୟାନ୍ ଜବରଦସ୍ତ ଫର୍ମରେ ଥିଲେ । ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ଏବଂ ଟି୨୦ ସିରିଜରେ ଆୟୁବ ଜବରଦସ୍ତ ପ୍ରଦର୍ଶନ କରିଥିଲେ ।

# ନର୍ସରିରୁ ବାଉଁଶ ଚୋରି ଘଟଣାରେ ଫରେଷ୍ଟର, ଗାର୍ଡ ନିଲମ୍ବିତ

**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ରାଇଘର ବ୍ଲକ କୁମୁଲି ପଞ୍ଚାୟତ ପଟାଚୁଆଁ ବନ ବିଭାଗ ନର୍ସରିରୁ ବାଉଁଶ ଚୋରି ମାମଲାରେ ୨ ଜଣ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି । ସେମାନେ ହେଲେ ଗୋନା ଫରେଷ୍ଟର କାମାକ୍ଷାପ୍ରସାଦ ସ୍ୱାଇଁ ଓ ବନରକ୍ଷୀ ହରେକୃଷ୍ଣ ନାୟକ । ଡିଏଫ୍‌ଓ ଶୁଭେନ୍ଦୁ ପ୍ରସାଦ ବେହେରା ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଗୁରୁବାର ଏନେଇ ଡିଏଫ୍ ଓ ତଦନ୍ତ କରିଥିଲେ । ପ୍ରକାଶଥାଉ କି, ନର୍ସରିର ଚାରିପାର୍ଶ୍ୱରେ ସୁରକ୍ଷା ଦୃଷ୍ଟିରୁ ବନ ବିଭାଗ ବାଉଁଶ ଲଗାଇଥିଲା । ଗତଦିନରେ କେତେକ ବ୍ୟକ୍ତି ବାଉଁଶ କାଟି ନେଇ ଯାଉଥିଲେ । ୨ ହଜାର ଗଛ ନେବାକୁ ଜଣେ ବ୍ୟକ୍ତିଙ୍କ ସହ ଡିଲ୍ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ ।

# ଜିନ୍ଦଲ ଷ୍ଟେନଲେସ, ସହଯୋଗରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ




**କଳିଙ୍ଗନଗର, ନ୍ୟୁଜ୍‌ବ୍ୟୁରୋ**

ଜିନ୍ଦଲ ଷ୍ଟେନଲେସ, ଯାଜପୁର ସହଯୋଗରେ ତଥା ସ୍ଥାନୀୟ ଚଣ୍ଡୀମାତା କ୍ଲବ, କାଳିଆପାଣି ଆନୁକୂଲ୍ୟରେ ସୁକିନ୍ଦା କାଳିଆପାଣି ଠାରେ ଏକ ଛ'ଦିନିଆ ଗ୍ରାମାଞ୍ଚଳ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଅଛି ଓ ଏହି ପ୍ରତିଯୋଗିତାରେ ସୁକିନ୍ଦା ପଞ୍ଚାୟତ ସମିତି ଅଧିନସ୍ଥ ବିଭିନ୍ନ ଗ୍ରାମର ୧୨ଟି ଫୁଟବଲ ଟିମ ଉତ୍ସାହର ସହ ଭାଗ ନେଇ ସେମାନଙ୍କର ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ ଓ ଫାଇନାଲ ମ୍ୟାଚରେ ପେନାଲ୍ଟି ସୁଟଆଉଟ୍ ରାଉଣ୍ଡ ସମୟରେ ହେ ବାବା ଫୁଟବଲ୍ କ୍ଲବ୍, କାଟେପୁର୍ତି ନଗର ଚାମ୍ପିଅନ୍ ହୋଇଥିବା ବେଳେ ମହାବୀର ଆଣ୍ଡ ମହାବୀର ଫୁଟବଲ ଟିମ, ସୁକରଙ୍ଗୀ ରନର୍ସଅପ ହୋଇ ଥିଲାଓ ରେଫରି ଭାବରେ ଦୁଖାବନ୍ଧୁ ମାଝୀ, ଉବନ ମାଝୀ, ହରି ସୋରେନ, ରଞ୍ଜନ ଦେହୁରୀ ଓ ବାସୁଦେବ ଦେହୁରୀ ଏହି ମ୍ୟାଚ୍ ପରିଚାଳନା କରିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟକୁ ଦେଖିବା ପାଇଁ ସ୍ଥାନୀୟ ଲୋକ ମାନଙ୍କର ବହୁଳ ସମାଗମ ହୋଇଥିଲା ଓ ଏହି ଟୁର୍ଣ୍ଣାମେଣ୍ଟ କୁ କାଳିଆପାଣିର ସରପଞ୍ଚ ବିକାଶ ପାତ୍ର, ଏବଂ ଯୁବ ସମାଜସେବୀ ଆଶିଷ କୁମାର ଜେନା ଉଦଘାଟନ କରିଥିବା ବେଳେ ଫାଇନାଲ ମ୍ୟାଚ ରେ ଜିନ୍ଦଲ ଷ୍ଟେନଲେସ ତରଫରୁ ଖଣି ମୁଖ୍ୟ ଶ୍ରୀ ରାମୀୟ ରଞ୍ଜନ ରାୟ ଓ ଅନ୍ୟାନ୍ୟ ବିଭାଗର କର୍ମଚାରୀମାନେ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ବିତରଣ କରିଥିଲେ ।

ଏଠାରେ ଉଲ୍ଲେଖନୀୟ ଯେ ଜିନ୍ଦଲ ଷ୍ଟେନଲେସ ସୁକିନ୍ଦା ତଥା ଦାନଗଦି ବ୍ଲକ ର ୧୦୦ ଜଣ ଫୁଟବଲ ଖେଳାଳୀ ଙ୍କର ପ୍ରତିଯୋଗିତା ଆୟୋଜନ କରାଇ ସେମାନଙ୍କ ମଧ୍ୟରୁ ୫ ଜଣ ଅସାଧାରଣ ଖେଳାଳିଙ୍କୁ ମନୋନୀତ କରାଯାଇ ସେମାନଙ୍କର ଫୁଟବଲ ଖେଳ ର ଦକ୍ଷତା ବୃଦ୍ଧି ସକାଶେ ଦିଲ୍ଲୀ ସ୍ଥିତ ସୁଦେବା ଫୁଟବଲ ପ୍ରଶିକ୍ଷଣ ସଂସ୍ଥା ରେ ପ୍ରଶିକ୍ଷିତ କରାଇଥିଲେ ଓ ସେଇ ପାଞ୍ଚ ଜଣ ପ୍ରଶିକ୍ଷିତ ଖେଳାଳି ଭାରତର ବିଭିନ୍ନ ସୁଦକ୍ଷ ଟିମ ଯଥା ଦିଲ୍ଲୀ, ପଞ୍ଜାବ, ଗୋଆ, କୋଲକାତା ଇତ୍ୟାଦି ଙ୍କ ବିପକ୍ଷରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଖେଳି ନିଜ ନିଜର ଖେଳ ପରାକାଷ୍ଠା ପ୍ରଦର୍ଶନ କରିପାରିଛନ୍ତି ଓ ଅଧୁନା ସେଇ ପାଞ୍ଚ ଜଣ ପ୍ରଶିକ୍ଷିତ ଖେଳାଳି ମାନଙ୍କୁ ନେଇ ଜିନ୍ଦଲ କମ୍ପାନୀ ଏହାର ସାମାଜିକ ଦାୟିତ୍ୱ ବିଭାଗ ମାଧ୍ୟମରେ ପାଞ୍ଚ ଟି ଗ୍ରାମରେ ୯ ରୁ ୧୫ ବର୍ଷ ବୟସର ଶହେ ଜଣ ପିଲାମାନଙ୍କୁ ଫୁଟବଲ ପ୍ରଶିକ୍ଷଣ ପ୍ରଦାନ କରିବା ସହିତ ଫୁଟବଲ ଖେଳ ଉପରେ ସେମାନଙ୍କର ପାରଦର୍ଶିତା ବୃଦ୍ଧି ପାଇଁ ପ୍ରୟାସ ଜାରି ରଖିଛନ୍ତି ଓ ଜିନ୍ଦଲ ଷ୍ଟେନଲେସ କ୍ରୀଡା ଭିତ୍ତିଭୂମିରେ ଉନ୍ନତି ଆଣିବା ଏବଂ ଗ୍ରାମାଞ୍ଚଳର ଯୁବକମାନଙ୍କୁ ଏହିପରି ଅର୍ଥପୂର୍ଣ୍ଣ ପଦକ୍ଷେପ ମାଧ୍ୟମରେ ସଶକ୍ତ କରିବା ପାଇଁ ପ୍ରତିବଦ୍ଧ ଅଟନ୍ତି ।

ଭୁବନେଶ୍ୱର
୦୫ ଜାନୁଆରୀ
ରବିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଶ୍ରୀମନ୍ଦିର ନାଟମଣ୍ଡପରେ ର୍ୟାମ୍ପ ଓ ବ୍ୟାରିକେଡ୍ ବ୍ୟବସ୍ଥା : ମହାପ୍ରଭୁଙ୍କ ଦର୍ଶନ ହେବ ସହଜ

**ପୁରୀ ୦୪/୦୧ ନ୍ୟୁଜ ବ୍ୟୁରୋ**

ସାମ୍ନାକୁ ଆସିଲା ବଡ଼ଦେଉଳର ନାଟମଣ୍ଡପରେ ଶ୍ରଦ୍ଧାଳୁଙ୍କୁ ସୁଲଭ ଜଗା ଦର୍ଶନ ବ୍ୟବସ୍ଥା ନିମନ୍ତେ ତିଆରି ହୋଇଥିବା ର୍ୟାମ୍ପ ଓ ବ୍ୟାରିକେଡ୍ ବ୍ୟବସ୍ଥାର ଫଟୋ ଓ ଭିଡିଓ । ଏହି ବ୍ୟାରିକେଡ୍‌ରେ ଠିଆ ହୋଇ ଶ୍ରଦ୍ଧାଳୁମାନେ କିପରି ଆଖି ପୂରାଇ ଠାକୁର ଦର୍ଶନ କରିପାରିବେ ତାହାର ପରୀକ୍ଷଣ ମଧ୍ୟ ଏହାର ନିର୍ମାଣ କାର୍ଯ୍ୟ ଭାର ନେଇଥିବା ଦିଲ୍ଲୀପ କନଷ୍ଟ୍ରକସନ ପକ୍ଷରୁ କରାଯାଇଛି । ଶ୍ରୀମନ୍ଦିର ପ୍ରଶାସନର ଚାହିଦା ମୁତାବକ ଓବିସିସି ପକ୍ଷରୁ ଦିଲ୍ଲୀପ କନଷ୍ଟ୍ରକସନକୁ ଏହି ବ୍ୟାରିକେଡ୍ ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା । ଉକ୍ତ ସଂସ୍ଥା ଏହାର କାର୍ଯ୍ୟାଳୟ ଭୁବନେଶ୍ୱର ନୂଆପଲ୍ଲୀଠାରେ ଠାକୁର ଦର୍ଶନ ର୍ୟାମ୍ପ ଓ ବ୍ୟାରିକେଡ୍ ନିର୍ମାଣ କରାଯାଇଛି। ଏନେଇ ଦିଲ୍ଲୀପ କନଷ୍ଟ୍ରକସନର ମାଲିକ ଦିଲୀପ ଖଟେଇଙ୍କ ସୂଚନା ଅନୁସାରେ, ଏହି ର୍ୟାମ୍ପ ଓ ବ୍ୟାରିକେଡ୍‌ରେ ମହାପ୍ରଭୁଙ୍କ ଦର୍ଶନ ଖୁବ୍ ଭଲ ଭାବେ ହୋଇପାରିବ । ଆଉ ବଡ଼ଦେଉଳ ବାହାର କାଠ ପାଖରୁ ଶ୍ରଦ୍ଧାଳୁଙ୍କୁ ପାଦ ଟିପରେ ଟେକି ହୋଇ ମହାପ୍ରଭୁଙ୍କ ଦର୍ଶନ କରିବା ଲାଗି ଭିଡ଼ରେ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିବନି । ବ୍ୟାରିକଡ୍‌ରେ ଯାଇ ର୍ୟାମ୍ପ ଉପରେ ଠିଆ ହୋଇଗଲେ ମହାପ୍ରଭୁଙ୍କ ଦୁର୍ଲ୍ଲଭ ଦର୍ଶନ ମିଳିଯିବ ।



ଆଗରେ ଥିବା ଶ୍ରଦ୍ଧାଳୁ ଓ ପଛରେ ଥିବା ଶ୍ରଦ୍ଧାଳୁ ସମସ୍ତେ ମହାପ୍ରଭୁଙ୍କୁ ଆଖି ପୂରାଇ ବାହାର କାଠ ପାଖରୁ ଦର୍ଶନ କରିପାରିବେ । ପ୍ରାୟ ୧୫ରୁ ୧୩ ଫୁଟ ପର୍ଯ୍ୟନ୍ତ ଲମ୍ବା ୬ ଥାକିଆ ର୍ୟାମ୍ପ ଯୁକ୍ତ ବ୍ୟାରିକେଡ୍ କରାଯାଇଛି । ଯେପରି ପ୍ରେକ୍ଷାଳୟରେ ସିଟ୍‌ଗୁଡ଼ିକ ପଛକୁ ଉଚ୍ଚ ହୋଇଥାଏ ଠିକ୍ ସେହିପରି ଏହି ର୍ୟାମ୍ପ ପଛକୁ ପଛ ୪ଇଞ୍ଚ ଲେଖାଏଁ ଉଚ୍ଚ ହୋଇ ୬ ଥାକରେ ରହିଛି । ର୍ୟାମ୍ପର ଦୁଇପାର୍ଶ୍ୱ ନୁଆଁଣିଆ ଓ ମଝି ଢ଼ାଲୁଆ । ଫଳରେ ଶ୍ରଦ୍ଧାଳୁଙ୍କୁ ର୍ୟାମ୍ପ ଉପରେ ଚଢ଼ି ଠାକୁର ଦର୍ଶନ କରିବାରେ ସୁବିଧା ହେବ । ଥରକରେ ପ୍ରାୟ ୧୫୦ରୁ ୨୦୦ ଶ୍ରଦ୍ଧାଳୁ ଏହି ର୍ୟାମ୍ପରେ ଚଢ଼ି ବ୍ୟାରିକେଡ୍ ଭିତରେ ଠାକୁର ଦର୍ଶନ କରିପାରିବେ । ଏଠାରେ ଠେଲାପେଲା ହେବାକୁ ପଡ଼ିବନି । ଆଗ ଲୋକ ଯେପରି ଭଲଭାବେ ଠାକୁର ଦର୍ଶନ କରିବେ, ପଛରେ ରହିଥିବା ଲୋକମାନେ ମଧ୍ୟ ଠିକ୍ ସେହିପରି ଠାକୁର ଦର୍ଶନ କରିବେ । ଏହି ବ୍ୟାରିକେଡ୍ ଓ ର୍ୟାମ୍ପ ବର୍ମାଟିକ୍ କାଠରେ ନିର୍ମିତ ହୋଇଛି । ଏହି କାଠ ପୂରା ହାଲୁକା । ଭିତର କାଠ ସନ୍ନିକଟ ପ୍ରଥମ ୩ ର୍ୟାମ୍ପ ସଂଯୁକ୍ତ ଧାଡ଼ିରେ ଶିଶୁ, ମହିଳା, ବୟସ୍କମାନେ ଯିବେ, ବାକି ୩ଟିରେ ସର୍ବସାଧାରଣ ସମସ୍ତେ ଯାଇପାରିବେ । ସୂଚନା ଥାଉକି, ଶ୍ରଦ୍ଧାଳୁମାନେ ବାହାର କାଠ ଠାରୁ ଜଗା ଦର୍ଶନ ବେଳେ ସବୁଠାରୁ ଅଧିକ ଠେଲାପେଲାରେ ଯାଉଛନ୍ତି । ଅନେକ ସମୟରେ ଦଳାଚକଟା ଭଳି ସ୍ଥିତି ଉପୁଜୁଛି । ତେଣୁ ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଲକ୍ଷ୍ୟରେ ରଖି ପ୍ରଶାସନ ପକ୍ଷରୁ ନାଟମଣ୍ଡପର ବାହାର କାଠ ପାଖରେ ୬ ଥାକିଆ ର୍ୟାମ୍ପ ଥିବା ବ୍ୟାରିକେଡ୍ ଦର୍ଶନ ବ୍ୟବସ୍ଥା ଆସନ୍ତା ୨୦ରୁ ୨୨ ତାରିଖ ଭିତରେ କରିବାକୁ ଯୋଜନା ରହିଛି । ଏହି ବ୍ୟାରିକେଡ୍ ଓ ର୍ୟାମ୍ପ ନିର୍ମାଣ ସରିଥିବା ମଧ୍ୟ ସରକାର ସୂଚନା ଦେଇଛନ୍ତି । ଶ୍ରଦ୍ଧାଳୁଙ୍କ ଭିଡ଼ ପ୍ରବଳ ହେବା ଅନୁମାନ କରି ନୂଆବର୍ଷ ପୂର୍ବରୁ ଏହି ବ୍ୟାରିକେଡ୍‌ରେ ପରୀକ୍ଷାମୂଳକ ଦର୍ଶନ ବ୍ୟବସ୍ଥା ହୋଇପାରିନଥିଲା । ଏହାକୁ ପ୍ରଶାସନ ପକ୍ଷରୁ ଆଗକୁ କାର୍ଯ୍ୟାକାରୀ କରିବାକୁ ସମୟ ଧାର୍ଯ୍ୟ ହୋଇଛି । ଶ୍ରୀମନ୍ଦିରକୁ ପ୍ରତି ସପ୍ତାହରେ ପ୍ରାୟ ଦେଢ଼ ଲକ୍ଷ ଶ୍ରଦ୍ଧାଳୁ ଜଗା ଦର୍ଶନ ନିମନ୍ତେ ଆସୁଛନ୍ତି । ଯାହା ଭିତରେ କେବଳ ଶନିବାର ଓ ରବିବାର ପ୍ରାୟ ଲକ୍ଷେ ଶ୍ରଦ୍ଧାଳୁଙ୍କ ଆଗମନ ହେଉଛି । ପର୍ବପର୍ବାଣୀ ଦିନମାନଙ୍କରେ ଭିଡ଼ ଖୁବ୍ ଅଧିକ ରହୁଛି । ଶ୍ରୀମନ୍ଦିରରେ ସର୍ବଦା ଭିତର କାଠ ଦର୍ଶନ ସୁବିଧା ଶ୍ରଦ୍ଧାଳୁଙ୍କୁ ମିଳିପାରୁନି । ଅନ୍ୟପଟେ ବାହାର କାଠ ଓ ଭିତର କାଠ ଦର୍ଶନ ବେଳେ ଶ୍ରଦ୍ଧାଳୁଙ୍କୁ ଠେଲାପେଲା ଭଳି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡୁଛି । ତେଣୁ ପ୍ରଥମେ ବାହାର କାଠ ଠାରେ ପରୀକ୍ଷାମୂଳକ ଦର୍ଶନ ବ୍ୟବସ୍ଥା କରାଯାଉଛି । ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ସ୍ଲଟ୍ ବୁକିଂ କରି ଠାକୁର ଦର୍ଶନର ସୁବିଧା ଦେବାକୁ ଆଗକୁ ଯୋଜନା ମଧ୍ୟ ରହିଛି । ତେଣୁ ନୀତି ବହୁଳ ଶ୍ରୀମନ୍ଦିର ଭିତରେ ସେବାୟତ ଓ ସର୍ବସାଧାରଣଙ୍କୁ ବୁଝାଇ ଏସବୁ ବ୍ୟବସ୍ଥା କରିବା ଏବେ ପ୍ରଶାସନ ନିମନ୍ତେ ଚ୍ୟାଲେଞ୍ଜ ସୃଷ୍ଟି କରିଛି ।

# ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଅବସରରେ ଶୁଭେଚ୍ଛା ଜଣାଇଲେ ନବୀନ



**ଭୁବନେଶ୍ୱର, ୪/୧ ନ୍ୟୁଜ ବ୍ୟୁରୋ**

ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଅବସରରେ ଶୁଭେଚ୍ଛା ଜଣାଇଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଭାଇ ଭଉଣୀ, ମା' ମାଉସୀ ସଭିଁଙ୍କୁ ଜୁହାର କରିଛନ୍ତି ଶ୍ରୀ ପଟ୍ଟନାୟକ। ବରଗଡ଼ ଧନୁଯାତ୍ରା ଆମ ସଂସ୍କୃତି, ପରମ୍ପରା ଓ ପରିଚୟ। ଏଥିସହ ସମସ୍ତ କଳାକାରଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି ଶ୍ରୀ ପଟ୍ଟନାୟକ।

# ଦାରିଙ୍ଗବାଡି ଶୀତ ମହୋତ୍ସବ : ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନିମନ୍ତ୍ରଣ କଲା କମିଟି



**ଦାରିଙ୍ଗବାଡ଼ି ୦୪।୦୧ ନ୍ୟୁଜ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ିରେ ହେବାକୁ ଥିବା ମହୋତ୍ସବ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନିମନ୍ତ୍ରଣ କରିଛି ଦାରିଙ୍ଗବାଡିର ଶୀତ ମହୋତ୍ସବ କମିଟି। କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡିରେ ଆସନ୍ତା ୧୧ ତାରିଖ ଦିନ ଉଦ୍‌ଘାଟିତ ହେବ ଶୀତ ମହୋତ୍ସବ । ଏନେଇ ପୋଷ୍ଟର ଉନ୍ମୋଚନ କରିଥିଲେ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ଏବଂ ବିଡିଓ ପ୍ରୀତିରଞ୍ଜନ ରଥ । ୨୦୧୫ରୁ ଦାରିଙ୍ଗବାଡିରେ ଶୀତ ମହୋତ୍ସବ ଆରମ୍ଭ ହୋଇଆସୁଛି । ଚଳିତ ବର୍ଷ ମିନି ଷ୍ଟାଡିୟମରେ ଏହାର ଆୟୋଜନ ହେବାକୁ ଯାଉଛି । ଯାହା ୧୧ରୁ ଆରମ୍ଭ ହୋଇ ୧୩ ତାରିଖରେ ଶେଷ ହେବ । ମହୋତ୍ସବର ସାଂସ୍କୃତିକ ସଂଧ୍ୟାରେ ସ୍ଥାନୀୟ କଳାକାରଙ୍କ ସମେତ କନ୍ଧମାଳ ଜିଲ୍ଲା, ରାଜ୍ୟର ବିଭିନ୍ନ ଜିଲ୍ଲା ଏବଂ ବ୍ଲକରୁ କଳାକାରଙ୍କ ନୃତ୍ୟ ଏବଂ ଗୀତର ଆକର୍ଷଣ ରହିବ । ଯାହାକୁ ଦେଖିବା ପାଇଁ ଶୀତ ମହୋତ୍ସବ କମିଟି ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ବିଡିଓ ପ୍ରୀତିରଞ୍ଜନ ରଥ, ପତିତପାବନ ରାଉତ ଏବଂ ସନ୍ତୋଷ ସାହୁ ।

# ରାୟଗଡା ରେଳ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, ୪/୧ ନ୍ୟୁଜ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୬ ତାରିଖ ପୂର୍ବାହ୍ନ ୧୧ ଘଟିକାରେ ରାୟଗଡା ରେଳ ମଣ୍ଡଳ ପାଇଁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଭିତ୍ତି ପ୍ରସ୍ତର ସ୍ଥାପନ କରିବା ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରେଳ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନୂତନ ଜାମ୍ମୁ ରେଳ ମଣ୍ଡଳ ଏବଂ ଚର୍ଲାପଲ୍ଲୀ ନୂଆ ଟର୍ମିନାଲ ଷ୍ଟେସନକୁ ଉଦ୍‌ଘାଟନ କରିବେ। ପ୍ରଧାନମନ୍ତ୍ରୀ ଓଡ଼ିଶାର ରାୟଗଡା ରେଳ ମଣ୍ଡଳ ପାଇଁ ମଧ୍ୟ ଶିଳାନ୍ୟାସ କରିବେ । କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଜାମ୍ମୁ ଠାରେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିବେ। ରାୟାଗଡା ରେଳ ମଣ୍ଡଳ ମୁଖ୍ୟାଳୟ ଭବନର ନିର୍ମାଣ ପାଇଁ ପ୍ରକଳ୍ପର ଆନୁମାନିକ ମୂଲ୍ୟ ୧୦୭ କୋଟି ଟଙ୍କା। ଏହି ମହତ୍ୱପୂର୍ଣ୍ଣ ପ୍ରକଳ୍ପରେ ସ୍ଥାନୀୟ ଅଞ୍ଚଳର ରେଳ



ଭିତ୍ତିଭୂମି ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଅନେକ ପ୍ରମୁଖ ଉପାଦାନ ଅନ୍ତର୍ଭୁକ୍ତ ହେବ । ରାୟାଗଡା ରେଳ ମଣ୍ଡଳ ପ୍ରକଳ୍ପର କେତେକ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି – ଡିଭିଜନର ମୁଖ୍ୟାଳୟ ରାୟାଗଡା ଠାରେ ରହିବ । ଏକ ଆଧୁନିକ ମଣ୍ଡଳ ରେଳବାଇ କାର୍ଯ୍ୟାଳୟ ଭବନ ପ୍ରାୟ ୧୨,୦୦୦ ବର୍ଗମିଟର କ୍ଷେତ୍ରରେ ନିର୍ମାଣ ହେବ ଯାହାକି ଗ୍ରାଉଣ୍ଡ ଫ୍ଲୋର ସହିତ ଆଉ ଦୁଇଟି ଫ୍ଲୋର ରହିବ। ରେଳ କାର୍ଯ୍ୟ ପରିଚାଳନା ପାଇଁ ଏକ ବିଭାଗୀୟ ନିୟନ୍ତ୍ରଣ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯିବ । ରେଳମଣ୍ଡଳର ଅଧିକାରୀ ଓ କର୍ମଚାରୀମାନଙ୍କ ପାଇଁ ଆବାସ ନିର୍ମାଣ କରାଯିବ। ସୁଗମ ଯାତାୟାତ ପାଇଁ ସଡ଼କ ସଂଯୋଗକୁ ବିକଶିତ କରାଯିବ । ଏହି ପ୍ରକଳ୍ପରେ ପର୍ଯ୍ୟାପ୍ତ ପରିମାଣର ଚଳପ୍ରଚଳ କ୍ଷେତ୍ର ଏବଂ ପାର୍କିଂ ସୁବିଧା ଅନ୍ତର୍ଭୁକ୍ତ ହେବ । ସ୍ଥିରତାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ରେଳ ମଣ୍ଡଳ ଭବନରେ ବର୍ଷା ଜଳ ଅମଳ ବ୍ୟବସ୍ଥା ରହିବ। ଏହି ପ୍ରକଳ୍ପ ଅନେକ ଲାଭ ପ୍ରଦାନ କରିବ ବୋଲି ଆଶା କରାଯାଏ। ଏହା ଯାତାୟାତ ସଂଯୋଗକୁ ବୃଦ୍ଧି କରିବା ସହିତ ଏହି ଅଞ୍ଚଳରେ ପରିବହନ ସଂଯୋଗରେ ଉନ୍ନତି ଆଣିବ । ବିଶେଷ କରି ଦକ୍ଷିଣ ଓଡ଼ିଶାର ଆଦିବାସୀ ଅଞ୍ଚଳରେ ଆଞ୍ଚଳିକ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏହି ପ୍ରକଳ୍ପ ସହାୟକ ହେବ । ଏହା ମଧ୍ୟ ଏହି ଅଞ୍ଚଳରେ ନିଯୁକ୍ତି ସୃଷ୍ଟିରେ ସହାୟକ ହେବ । ରେଳ ମଣ୍ଡଳ ପ୍ରତିଷ୍ଠା ଦ୍ୱାରା ଏହି ଅଞ୍ଚଳରେ ରେଳପରିଚାଳନା କାର୍ଯ୍ୟର ଦକ୍ଷତା ବୃଦ୍ଧି ପାଇବ । ଏହି ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ଦ୍ୱାରା ଯାତ୍ରୀ ଏବଂ ସ୍ଥାନୀୟ ଶିଳ୍ପଗୁଡ଼ିକ ସହିତ ଘନିଷ୍ଠ ସଂଯୋଗ ସୃଷ୍ଟି ହେବ। ରାୟଗଡା ରେଳ ମଣ୍ଡଳ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ ସମାରୋହ ଓଡ଼ିଶାର ରାୟଗଡାଠାରେ ଅନୁଷ୍ଠିତ ହେବ ଏବଂ ପ୍ରଧାନମନ୍ତ୍ରୀ ଜାମ୍ମୁରୁ ଭିଡିଓ କନଫରେନସିଂ ମାଧ୍ୟମରେ ଅଂଶଗ୍ରହଣ କରିବେ। ରାୟଗଡା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର କମ୍ଭମପତି ହରି ବାବୁ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମଝି ଏବଂ ରେଳବାଇ ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ରବନୀତ ସିଂ ବିଟୁଙ୍କ ସମେତ ଦକ୍ଷିଣ ଓଡ଼ିଶାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବେ ବୋଲି ସୂଚନା ମିଳିଛି ।

# ଦୀର୍ଘ ୧୬ଘଣ୍ଟା ପରେ ମୋରମ ଖାଦାନରୁ ଉଦ୍ଧାର ହେଲା ହାତୀ ଛୁଆ

**କରଞ୍ଜିଆ ୪।୧ ନ୍ୟୁଜ ବ୍ୟୁରୋ**

ମୋରମ ଖାଦାନ ଖାଲରେ ହାତୀ ଛୁଆ ଖସିପଡିବା ଘଟଣାର ଦୀର୍ଘ ୧୬ଘଣ୍ଟା ପରେ ମୋରମ ଖାଦାନରୁ ଉଦ୍ଧାର ହେଲା ହାତୀ ଛୁଆ । ଗତ ରାତିରୁ କରଞ୍ଜିଆ ବନଖଣ୍ଡ ଅର୍ନ୍ତଗତ ପକାମୁଣ୍ଡା ମୋରମ୍ ଖାଦାନରେ ହାତୀଛୁଆଟି ଖସିପଡିଥିଲା ଏବଂ ଗୁରୁତର ହୋଇ ଖାଲ ଭିତରେ ଫସି ରହିଥିଲା । ହାତୀ ଛୁଆକୁ ନିସ୍ତେଜକ ଇଞ୍ଜେକସନ ଦେଇ ଏକ ହାଇଡ୍ରା ମେସିନ ସାହାଯ୍ୟରେ ଖାଦାନ ଖାଲ ଭିତରୁ ଉଦ୍ଧାର କଲା ବନ ବିଭାଗ । ବର୍ତ୍ତମାନ ତାକୁ ସତେଜ ହେବା ପାଇଁ ଇଞ୍ଜେକସନ ଦିଆଯାଇଛି । ହାତୀ ଛୁଆ ସଚେତ ଅବସ୍ଥାକୁ ଆସିଲେ ତା'ର ସ୍ୱାସ୍ଥ୍ୟାବସ୍ଥା ଠିକ୍ ଭାବେ ଜଣାପଡ଼ିବ ବୋଲି କରଞ୍ଜିଆ ଡିଏଫ୍‌ଓ ଶ୍ରୀକାନ୍ତ ନାୟକ ସୂଚନା ଦେଇଛନ୍ତି।

# ସାତକୋଶିଆରେ କୁମ୍ଭୀର ଓ ପକ୍ଷୀ ଗଣନା ପାଇଁ ଲାଗିଲା କଟକଣା

**ଅନୁଗୁଳ, ୪/୧ ନ୍ୟୁଜ ବ୍ୟୁରୋ**

ସାତକୋଶିଆରେ କୁମ୍ଭୀର ଓ ପକ୍ଷୀ ଗଣନା ପାଇଁ ପର୍ଯ୍ୟଟକଙ୍କ ଉପରେ ଲାଗିଲା କଟକଣା । କୁମ୍ଭୀର ଗଣନା ପାଇଁ ରବିବାର ଅପରାହ୍ନରୁ ୯ ତାରିଖ ସକାଳ ପର୍ଯ୍ୟନ୍ତ କଟକଣା ଲଗାଯାଇଛି । ସେହିଭଳି ପକ୍ଷୀ ଗଣନା ପାଇଁ ୧୭ ଓ ୧୮ ତାରିଖ ପର୍ଯ୍ୟଟକଙ୍କ ପାଇଁ ମହାନଦୀରେ ବୋଟିଂ ବନ୍ଦ ରହିବ ବୋଲି ସୂଚନା ଦେଇଛନ୍ତି ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ। ନଦୀରେ ମାଛ ଧରିବା ପାଇଁ ମତ୍ସ୍ୟଜୀବୀଙ୍କୁ ମଧ୍ୟ ବାରଣ କରାଯାଇଛି । ସାତକୋଶିଆର ମହାନଦୀରେ କୁମ୍ଭୀର ଗଣନା ହେବାକୁ ଥିବାବେଳେ ଏଥିପାଇଁ ବନ ବିଭାଗର ୧୪ଟି ଦଳ ନିୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି । ଗଣନା କାର୍ଯ୍ୟ ସୂଚାରୁରୂପେ କରିବା ପାଇଁ ପର୍ଯ୍ୟଟକଙ୍କୁ ମହାନଦୀରେ ବୋଟିଂ ପାଇଁ ବାରଣ କରାଯାଇଥିବା ଡିଏଫଓ ସରୋଜ ପଣ୍ଡା ସୂଚନା ଦେଇଛନ୍ତି ।

